

ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ କିରାଣି କୋର୍ଟଚାଲାଣ

**ରସୁଲପୁର,୧୫।୧୦(ଡିଏନଏ):** ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ରସୁଲପୁର ତହସିଲରେ କିରାଣିଭାବେ କାର୍ଯ୍ୟ କରୁଥିବା ଶ୍ରୀବନ୍ତପୁର ପଞ୍ଚାୟତ ସୁକଦେଇପୁର ଗ୍ରାମର ତ୍ରିଲୋଚନ ବଳ(୩୭)ଙ୍କୁ କୁଆଖିଆ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶଥାଉ କି, ତ୍ରିଲୋଚନ ୨୦୧୬ ଫେବୃୟାରୀରେ ବିଞ୍ଝାରପୁର ଥାନା କପିଳା ଗ୍ରାମରେ ରବୀନ୍ଦ୍ର ଦାସଙ୍କ ଝିଅ ପ୍ରଣିତା(୩୧)ଙ୍କୁ ବିବାହ କରିଥିଲେ। ବିବାହ ପରଠାରେ ସେ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ଅଧିକ ୨ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ଦାବି କରୁଥିଲେ। ଏନେଇ ଅଭିଯୁକ୍ତଙ୍କ ପରିବାର ଲୋକେ ମଧ ମହିଳାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ସେପ୍ଟେମ୍ବର ୨୭ରେ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ-୨୩୯/୧୯) ରୁଜୁ କରିବା ଘଟଣାର ତଦନ୍ତ ଚଳାଇଛି।

### ଶତାୟୁ ମହିଳାଙ୍କ ପରଲୋକରେ ଶୋକ

**ବିଞ୍ଝାରପୁର,୧୫।୧୦(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ ମାଁସଡା ଗ୍ରାପ ଦଧିବାମନପୁର ଗ୍ରାମର ଶତାୟୁ ସାବିତ୍ରୀ ଦାଶଙ୍କର ୧୦୧ ବର୍ଷ ବୟସରେ ସୋମବାର ପରଲୋକ ହୋଇଯାଇଛି। ସାବିତ୍ରୀ ଜଣେ ଧର୍ମପରାୟଣା, ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ପରଲୋକର ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ମାନଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ ପାଇଁ ତାଙ୍କ ବାସଗୃହରେ ପହଞ୍ଚିଥିଲେ। ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

### ପ୍ରାଣୀ ଚିକିତ୍ସା, ସଚେତନତା ଶିବିର

**ଛଡିଆ,୧୫।୧୦(ଡି.ଏନ୍.ଏ):** ବଡ଼ଚଣା ବ୍ଲକ ନେଳିଆ ପଞ୍ଚାୟତ ରାମପୁରଠାରେ ଏକ ପ୍ରାଣୀ ଚିକିତ୍ସା ଓ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶତାଧିକ ଚାଷୀ ସେମାନଙ୍କ ଗୃହପାଳିତ ପଶୁଙ୍କୁ ଆଣି ଚିକିତ୍ସା କରାଇଥିଲେ। ଡାକ୍ତର ବିଜୟ କୁମାର ପାତ୍ର ଏବଂ ପ୍ରାଣୀଧନ ନିରୀକ୍ଷକ ସନ୍ତୋଷ କୁମାର ସେଠୀ, କ୍ଷିତିଶ ଚନ୍ଦ୍ର ବାରିକ, ଆଟେନାଣ୍ଟ ଚିତ୍ତରଞ୍ଜନ ମଲିକ ଓ ଜେ.କେ. ଟ୍ରଷ୍ଟର ଅଭିଷେକ ମହାପାତ୍ରଙ୍କ ଦ୍ୱାରା ସମସ୍ତ ଚିକିତ୍ସା କରାଯାଇଥିଲା। ଫାଟୁଆ ଟୀକାକରଣଠାରୁ ଆରମ୍ଭ କରି ଗର୍ଭଧାରଣ ନିମନ୍ତେ ଇଞ୍ଜେକ୍ସନଠାରୁ ଆରମ୍ଭ କରି ବିଭିନ୍ନ ଚିକତ୍ସା କରାଯାଇଥିଲା। ଗୋପାଳନ ସହିତ କିପରି ସେମାନଙ୍କ ଯତ୍ନ ନିଆଯାଇ ପାରିବ ସେନେଇ ଡାକ୍ତର ପାତ୍ର ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଗତି ମିଲ୍କର ମୁଖ୍ୟ ପରିଚାଳକ କିଶୋର ଚନ୍ଦ୍ର ପାତ୍ର, ପ୍ରାଣୀ ଚିକିତ୍ସକ କେଶବ ଚନ୍ଦ୍ର ମହାନ୍ତି, ନିର୍ବାହୀ ପରିଚାଳକ ରବୀନ୍ଦ୍ର ପାତ୍ର, କ୍ଷେତ୍ର ଅଧିକାରୀ ଅଜୟ କୁମାର ପାତ୍ର, ସନ୍ତୋଷ କୁମାର ସାହୁ, ମହେନ୍ଦ୍ର ବାନାର୍ଜୀ, ଜନାର୍ଦ୍ଦନ ଜଟ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଜପୁର ଜିଲାରେ ଇ-ଡେସ୍‌ପାଚ ଅଚଳ

# ତଥ୍ୟ ଲୁଚାଇବାକୁ ନୂଆ ଫନ୍ଦି

**ଯାଜପୁର ଅଫିସ,୧୫।୧୦**




- ଜିଲାପାଳଙ୍କ କାର୍ଯ୍ୟାଳୟ ବି ବିଫଳ
- ନମ୍ବର ବଢୁଛି, ଦିଶୁନି ଚିଠିପତ୍ର
- ଖର୍ଚ୍ଚ ହେଉଛି ଲକ୍ଷାଧିକ ସରକାରୀ ଅର୍ଥ
- ନିଜ ଅପାରଗତା ଲୁଚାଇବାକୁ ପ୍ରୟାସ

ରାଜ୍ୟ ସରକାର ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ସମୟାନୁବର୍ତ୍ତିତା, ସମ୍ମିଳିତ ଉଦ୍ୟମ ଓ ପରିବର୍ତ୍ତନ ଭଳି ୫-ଟି ଆଇନକୁ ଗୁରୁତ୍ୱ ଦେଉଥିବାବେଳେ ଯାଜପୁର ଜିଲା ପ୍ରଶାସନ ତଥ୍ୟ ଲୁଚାଇବାକୁ ନୂଆ ଫନ୍ଦି ଆପଣାଇଛନ୍ତି। ଯାଜପୁର ଜିଲାରେ ଇ-ଡେସ୍‌ପାଚ ବ୍ୟବସ୍ଥା ଏବେ ଅକାମୀ ହୋଇପଡିଛି। ସରକାରଙ୍କର ସମୁଦାୟ ୩୯ଟି ବିଭାଗ କାର୍ଯ୍ୟାଳୟ ଥିବାବେଳେ ଜିଲାର ଡେସ୍‌ପାଚ ବ୍ୟବସ୍ଥା କାର୍ଯ୍ୟକାରୀ ହେଉନାହିଁ। ଡେସପାଚ କ୍ଷେତ୍ରରେ ଅତି ଚାଲାକି ଭାବେ ନମ୍ବର ସିନା ବଢୁଛି ହେଲେ ବାସ୍ତବରେ ଚିଠିପତ୍ର ପଡୁନି। ଏଥିରେ ସର୍ବାଗ୍ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଅବକାରୀ, ପରିବହନ, ଯୋଗାଣ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସଏସ) ଆଦି ବିଭାଗ ରହିଛି।

କମ୍ପ୍ୟୁଟର ଓ ଇଣ୍ଟରନେଟ ଜରିଆରେ ବିଭିନ୍ନ ବିଭାଗର ଚିଠିପତ୍ର ଦିଆନିଆ ପାଇଁ ଇ-ଡେସପାଚ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ କମ୍ପ୍ୟୁଟର ସଂସ୍ଥାଙ୍କୁ ନିୟୋଜିତ କରାଯାଇଛି। ଉକ୍ତ ସଂସ୍ଥା ପାଇଁ ମାସକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବି ହେଉଛି। ଏହାସତ୍ତ୍ୱେ ବିଭାଗୀୟ ଚିଠି ଓ ନିର୍ଦ୍ଦେଶାବଳୀ ଆଦି ସେହି ପୁରୁଣା ଢଙ୍ଗରେ ଫାଇଲରୁ ଫାଇଲକୁ ବୁଲୁଛି। କେତେକ ବିଭାଗରେ ବର୍ଷକୁ ଗୋଟିଏ ଚିଠି ବି ଏଯାଏ ଜିଲାରୁ ଡେଚପାସ କରାଯାଇପାରି ନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେସପାଚ କ୍ଷେତ୍ରରେ ବ୍ୟତିକ୍ରମ ହେବା ଅନ୍ୟ ବିଭାଗ ଉପରେ ଆଶା ରଖାଯାଇ ନ ପାରେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଥିବା ୬୭୦ଟି କାର୍ଯ୍ୟାଳୟ ମଧ୍ୟରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅନ୍ୟତମ। ଏଥିରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଡେସ୍‌ପାଚ ସଂଖ୍ୟା ବଢୁଛି, ହେଲେ ଆଶ୍ଚର୍ଯ୍ୟଜନକ ଭାବେ ଚିଠିପତ୍ର ଦେଖାଯାଉ ନାହିଁ। ସୋମବାର ସୁଦ୍ଧା ଏହି କାର୍ଯ୍ୟାଳୟରେ ୮୬୦ଟି ଚିଠିପତ୍ର ଡେସପାଚ ହୋଇଥିବାବେଳେ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ୮୭୩କୁ ପହଞ୍ଚିଥିଲା। କିନ୍ତୁ ତାହାକୁ ଖୋଲିଲେ ଅଗଷ୍ଟ ୧୪ ପରେ ଏଯାଏ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗୋଟିଏ ବି ଚିଠିପତ୍ର ଡେସପାଚ୍‌ରେ ଦେଖିବାକୁ ମିଳୁ ନାହିଁ। ଏଥିରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ହେଉଥିବା ବିଭିନ୍ନ ଦୁର୍ନୀତି, ଅବହେଳା ଓ ନିଜ ଅପରଗତା ଧରାପଡିଯିବା ଭୟରେ ଏଭଳି ପ୍ରୟାସ ହେଉଥିବା କୁହାଯାଉଛି। ଏହାବାଦ ଡେପୁଟୀ ଡାଇରେକ୍ଟର ଅଫ୍ ଏଗ୍ରିକଲଚର(ଡିଡିଏ), ଏଆରସିଏସ୍, ଅବକାରୀ, ଜିଲା ପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟ, ଜିଲା ମତ୍ସ୍ୟ ଅଧିକାରୀ, ମାପ ଓ ଓଜନ ବିଭାଗ, ଯୋଗାଣ ଅଧିକାରୀ, ଏସ୍‌ପିସିବି ଆଦି ବିଭାଗରେ ଚିଠିପତ୍ର ଡେସପାଚରେ ଆଦାନ ପ୍ରଦାନ କରାଯାଉ ନାହିଁ। ୨୦୧୮ ମେ ୧୬ରୁ ଜିଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ ଆରଡବ୍ଲ୍ୟୁଏସ୍ଏସ୍‌ରେ ଡେସପାଚ ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଯୋଗାଣ ବିଭାଗରେ ଡେସପାଚ କ୍ଷେତ୍ରରେ ସଂଖ୍ୟା ବଢୁଛି ସିନା ହେଲେ ଚିଠିପତ୍ର ଦେଖିବାକୁ ମିଳୁନାହିଁ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ମଧ ଯାଜପୁର ଜିଲାରୁ ମାତ୍ର ୭ଟି ପତ୍ର ଡେସପାଚ ହୋଇଥିବା ଦର୍ଶାଯାଇଛି। ହେଲେ ବାସ୍ତବରେ ଏଠାରେ ନୋ ରେକର୍ଡ ଫାଉଣ୍ଡ ବୋଲି ଦର୍ଶାଯାଉଛି। ଦାୟିତ୍ୱରେ ଥିବା ବୈଷୟିକ ସଂସ୍ଥାକୁ ଚିଠିଗୁଡିକର ସ୍କାନିଂ ଜାଣିଶୁଣି ପଠାଯାଉ ନାହିଁ। ପ୍ରସ୍ତାବିତ ମିନି ସଚିବାଳୟ ଯାଜପୁରରେ ବି ଡେସପାଚ ପ୍ରତି ସରକାରୀ ବିଭାଗଗୁଡିକର ଏଭଳି ଅନାଗ୍ରହକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ରାଜ୍ୟର ପ୍ରାୟ ଅନ୍ୟ ଜିଲାଗୁଡିକରେ ଡେସପାଚ କ୍ଷେତ୍ରରେ ଏଭଳି ଅନିୟମିତତା ହେଉ ନ ଥିବାବେଳେ ଯାଜପୁର ଜିଲାରେ କାହା ପ୍ରଭାବରେ ଏଭଳି ଗୁରୁତର ଅନିୟମିତତା ହେଉଛି ସେ ନେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଏଡିଏମ ମିହିର ପ୍ରସାଦ ମହାନ୍ତିଙ୍କୁ ପଚାରିବାରେ, ସମ୍ପୃକ୍ତ ଅଧିକାରୀଙ୍କୁ ଇ-ଡେସପାଚକୁ ନିୟମିତ କରିବାକୁ ପରାମର୍ଶ ଦିଆଯିବ। ଏନେଇ ଆଗାମୀ ଦିନରେ ବିଭାଗ ସଜାଗ ରହି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି କହିଛନ୍ତି।

### ଗଙ୍ଗାମାତା ଆରାଧନା, ଆଳତୀ ଉତ୍ସବ

**ରସୁଲପୁର,୧୫।୧୦(ଡିଏନଏ)**

ରସୁଲପୁର ବ୍ଲକ ବାହାଦଲାପୁର ପଞ୍ଚାୟତ ପରିଡ଼ାବାଦ ଗ୍ରାମର ଖରସ୍ରୋତା ନଦୀପୀଠରେ ଗଙ୍ଗାମାତା ଆରାଧାନା ଓ ଆଳତୀ ଅନୁଷ୍ଠିତ ହୋଇଯାଇଛି। ପୁରୀରୁ ଆସିଥିବା ସନ୍ଥ ଶ୍ରୀବିଦ୍ୟାଭୂଷଣ ଗୌରଶ୍ୟାମାନନ୍ଦ ଜୀଙ୍କ ପୌରୋହିତ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳ ହିଁ ଜୀବନ ଉକ୍ତିର ଉପାଦେୟତାକୁ ବର୍ଣ୍ଣନା କିରବା ସହ ଜଳ ସଙ୍କଟ ଓ ଜଳ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନଦୀ ପ୍ରଦୂଷଣ ଯୋଗୁ ନଦୀକୂଳିଆଙ୍କୁ ନାନା ରୋଗର ଶିକାର ହେବାକୁ ପଡୁଛି। ଜଳର ଅପବ୍ୟବହାର ଯୋଗୁ ଜଳ ଅଭାବ ଦେଖାଦେଉଛି। ପରିବେଶ ପ୍ରଦୂଷଣ ସହ ଜଳ ସଂକଟ ଓ ପ୍ରଦୂଷଣ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡିଛି। ସନ୍ଥ ଗୌରାନନ୍ଦ ଜୀ ବିଭିନ୍ନ ସ୍ଥାନ ବୁଲି ଗଙ୍ଗାମାତାକୁ ଆରାଧନା କରିବା ସହ ଜଳ ସଞ୍ଚୟ ଓ ପ୍ରଦୂଷଣମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ଏନେଇ ପରିଡ଼ାବାଦ ଗ୍ରାମରେ କାର୍ତ୍ତିକ ରାହାସ ପୂର୍ଣ୍ଣିମା ଅବସରରେ ଜଳ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ୫ଦିନ ବ୍ୟାପୀ ଚାଲିବ। ଏହି ଜରିଆରେ ପଲ୍ଲୀରେ ନଦୀମାତା, ପିତାମାତା, ଗୋ-ମାତା, ବେଦମାତା, ଦେଶମାତୃକା ଉପରେ ଆଧାରିତ ପ୍ରସଙ୍ଗ ଉପରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ଚଣ୍ଡୀ ମନ୍ଦିର ପୂଜା କମିଟି କର୍ମକର୍ତ୍ତା ପକ୍ଷରୁ ସୂଚନା ଦିଆଯାଇଛି।

## ୭ ନମ୍ବର ୱାର୍ଡରେ ଡ୍ରେନ ଅବରୋଧ

# ଦୁର୍ଦ୍ଦଶା ଭୋଗୁଛନ୍ତି ଆମ୍ବେଦକର କଲୋନୀବାସୀ

**ଯାଜପୁର ଅଫିସ,୧୫।୧୦**

ଦୀର୍ଘ ବର୍ଷ ହେଲା ବ୍ୟାସନଗର ସହରର ବିଭିନ୍ନ ସମସ୍ୟା ଅସମାହିତ ହୋଇରହିଛି। ବାର୍ଷିକ କୋଟିକୋଟି ଟଙ୍କା ବ୍ୟୟବରାଦ ହେଉଥିଲେ ସୁଦ୍ଧା ଆଜି ବି ସହରର ଡ୍ରେନେଜ ବ୍ୟବସ୍ଥା ସୁଧୁରି ପାରି ନାହିଁ। ବ୍ୟାସନନଗର ପୌରାଞ୍ଚଳର ୭ ନମ୍ବର ୱାର୍ଡ ଆମ୍ବେଡକର କଲୋନୀ (ରାମଦାସ କଲୋନୀ)ର ମୁଖ୍ୟ ରାସ୍ତାରେ ଥିବା ଡ୍ରେନକୁ ଏହାର ଉଦାହରଣ ଭାବେ ନିଆଯାଇ ପାରେ। ଏହି ଡ୍ରେନକୁ ଜଣେ ଲୋକ ପୋତି ଦେଇଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଜିଲାପାଳ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ବ୍ୟାସନଗର ପୌରାଧିକାରୀ, ଯାଜପୁରରୋଡ ପୋଲିସ, ବ୍ୟାସନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। କିନ୍ତୁ ପ୍ରଶାସନ ଅବରୋଧ ହଟାଇବା ବଦଳରେ ନୀରବ ଦ୍ରଷ୍ଟା ସାଜିଛି।

ଡ୍ରେନେଜ ଓ ପରିମଳ କ୍ଷେତ୍ରରେ ଅବହେଳା ଯୋଗୁ ବ୍ୟାସନଗର ସହରବାସୀ ଦୀର୍ଘଦିନ ହେଲା ସମସ୍ୟାରେ ରୁନ୍ଧି ହେଉଛନ୍ତି। ବ୍ୟାସନଗର ମ୍ୟୁନିସିପାଲଟି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତାଗିଦକୁ ମଧ ବେଖାତିର କରୁଛି। ଅପରପକ୍ଷେ ମ୍ୟୁନିସିପାଲଟିର ଏହି ଆଭିମୁଖ୍ୟ ପାଇଁ ସହରର ବାୟୁ ଏବଂ ଗଣ୍ଡନାଳା ଜଳ ବିଷାକ୍ତ ହେଉଛି। ସହରର ଡ୍ରେନେଜ ବ୍ୟବସ୍ଥାରେ ବର୍ହିଗମନ ପଥ ନ ଥିବାରୁ ପ୍ରାୟ ୭୦ ପ୍ରତିଶତ ବିଷାକ୍ତ ଜଳ ସହରର ବିଭିନ୍ନ ବିଲବାଡି, ପୋଖରୀ ଆଦି ସ୍ଥାନରେ ଜମା ରହୁଛି। ସହରକୁ ପ୍ରକୃତିଦତ୍ତ ପୌରାଣିକ ବ୍ୟାସସରୋବର ସମେତ ପ୍ରାକୃତିକ ଜଙ୍ଗଲ ପ୍ରତି ବିପଦ ମାଡ଼ି ଆସିଛି। ଏହା ସହିତ ଗଣ୍ଡନାଳା ପାଣି ବ୍ରାହ୍ମଣୀର ଉପନଦୀ ଖରସ୍ରୋତାରେ ମିଶୁଥିବାରୁ ପାନୀୟ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିବା ନଦୀକୂଳିଆ ଗ୍ରାମାଞ୍ଚଳ ଅଧିବାସୀଙ୍କ ପାଇଁ ଯାଜପୁର ମ୍ୟୁନିସିପାଲଟି ଅପରାଧୀ ସାଜିଛି। ସଂପ୍ରତି ସହରର ୭ ନମ୍ବର ୱାର୍ଡର ଧବଳଗିରିସ୍ଥିତ ଅକ୍ସାଇଗେଟ-ପାଇକିରାପୁର ମୁଖ୍ୟ ରାସ୍ତାରେ ଥିବା ସରକାରୀ ଡ୍ରେନକୁ ମୋରମ ପକାଇ ଅବରୋଧ କରାଯାଇଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ।



ଡ୍ରେନ ଅବରୋଧ ଯୋଗୁ ଆମ୍ବେଦକର କଲୋନୀ ଜଳମଗ୍ନ।

ଏନେଇ କଲୋନୀର ମୁଖ୍ୟ ରାସ୍ତା ଉପରେ ୨ଫୁଟରୁ ଊର୍ଦ୍ଧ୍ୱ ବର୍ଜ୍ୟପାଣି ଜମୁଛି। ଗତବର୍ଷ ଉନ୍ନତି ଯୋଜନାରେ ଲାକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତାଟିରେ କଂକ୍ରିଟ ଛାଡି ଖାଲଖମା ସୃଷ୍ଟି ହେଉଛି। ଡ୍ରେନ ଅବରୋଧ ଯୋଗୁ କଲୋନୀବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଦୀର୍ଘବର୍ଷ ହେଲା ଏହି ଡ୍ରେନରେ ବର୍ଷାଜଳ ନିଷ୍କାସନ ହେଉଥିଲା। କିନ୍ତୁ ଅବରୋଧ ଯୋଗୁ ପାଣି ମୁଖ୍ୟ ରାସ୍ତା ଉପରେ ଜମି ଦୁର୍ଗନ୍ଧ ବାହାରୁଛି। ସୋମବାର ମାନସ କୁମାର ରାଉତ, ଗଦାଧର ବେହେରା, ଗଣେଶ ଚନ୍ଦ୍ର ଧୀର, କଳ୍ପନା ରାଉତ ପ୍ରମୁଖ କଲୋନୀବାସୀ ୫ମ ଥର ପାଇଁ ଅବରୋଧ ହଟାଇବାକୁ ପୌର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏନେଇ ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ଦିନେଦୁଇ ଦିନ ମଧ୍ୟରେ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସମ୍ପର୍କୀୟ ଭାଣିଜୀଙ୍କୁ ବଳାତ୍କାର ଅଭିଯୋଗ ମାମଲା

# ଅଭିଯୁକ୍ତ ଛାତ୍ରନେତା ପାଣିକୋଇଲିରୁ ଗିରଫ

**ବିଞ୍ଝାରପୁର,୧୫।୧୦(ଡି.ଏନ.ଏ)**

ବିଞ୍ଝାରପୁର ଥାନା ନରୁଆ ଗ୍ରାମର ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ବିଞ୍ଝାରପୁର ପୋଲିସ ଅଭିଯୁକ୍ତ ଛାତ୍ର ନେତା ଜିତେନ୍ଦ୍ର ପ୍ରଧାନଙ୍କୁ ସୋମବାର ରାତିରେ ପାଣିକୋଇଲି ବସ୍‌ଷ୍ଟାଣ୍ଡରୁ ଗିରଫ କରିଛି। ମଙ୍ଗଳବାର ତାଙ୍କର ଡାକ୍ତରୀମାଇନା କରିବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

ପ୍ରକାଶ ଯେ, ଜିତେନ୍ଦ୍ର ନିଜର ସମ୍ପର୍କୀୟ ଭାଣିଜୀଙ୍କୁ ୭ବର୍ଷ ପୂର୍ବରୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଜିତେନ୍ଦ୍ରଙ୍କର ଅନ୍ୟତ୍ର ବିବାହ ସ୍ଥିର ହୋଇଯିବା ପରେ ସମ୍ପର୍କୀୟ ଭାଣିଜୀ ତାଙ୍କର ସବୁ ଗୁମର ଖୋଲିବା ସହିତ ଗତ ୨୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପୋଲିସ ଏକ ମାମଲା (ନଂ ୨୫୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବାରୁ ଜିତେନ୍ଦ୍ର ଫେରାର ହୋଇଯାଇଥିଲେ। ତଦନ୍ତ ବେଳେ ପୋଲିସ ଜିତେନ୍ଦ୍ରଙ୍କର ଜଣେ ଭାଇ ଓ ଭିଣୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜିତେନ୍ଦ୍ରଙ୍କୁ ଧରିବାକୁ ଯାଜପୁର ଏସ୍‌ପି ଚରଣ ସିଂହ ମୀନାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଉଦ୍ୟମ ଚଳାଇଥିବାବେଳେ ସୋମବାର ରାତିରେ ସେ ଘରକୁ ଫେରୁଥିବା ଖବର ପାଇ ତାଙ୍କୁ ପାଣିକୋଇଲି ବସଷ୍ଟାଣ୍ଡରୁ ଗିରଫ କରିଥିଲା। ସୂଚନା ଥାଉକି, ସେ ପୂର୍ବରୁ ବିଞ୍ଝାରପୁର ବ୍ଲକ ଛାତ୍ର ବିଜେଡି ସଭାପତି ଥିବାବେଳେ ଏହି ଅଭିଯୋଗ ପରେ ତାଙ୍କୁ ଉକ୍ତ ପଦରୁ ନିଲମ୍ବନ କରାଯାଇଥିଲା।



ଜିତେନ୍ଦ୍ରଙ୍କୁ ପୋଲିସ ହାଜତ୍‌କୁ ନେଉଛି।

## କାଳ ହେଲା ଛେଳି ପାଇଁ ତାଳପତ୍ର ସଂଗ୍ରହ

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ

**ବିଞ୍ଝାରପୁର,୧୫।୧୦(ଡି.ଏନ.ଏ)**

ବିଞ୍ଝାରପୁର ଥାନା ବିଞ୍ଝାରପୁର ତଳସାହି ଗ୍ରାମର ସେକ ଗୟାସୁଦ୍ଦିନ ଖାନ(୪୯) ମଙ୍ଗଳବାର ମଧ୍ୟାହ୍ନରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଗୟାସୁଦ୍ଦିନ ସ୍ଥାନୀୟ ଯଜ୍ଞ ପଡିଆରେ ଥିବା ଏକ ବରଗଛରୁ ପାଳିତ ଛେଳି ପାଇଁ ତାଳପତ୍ର ସଂଗ୍ରହ କରୁଥିଲେ। ଏହି ସମୟରେ ସେ ଗଛ ନିକଟରେ ଥିବା ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଚାଲିଆସିବାରୁ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୟାସୁଦ୍ଦିନ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ କୁକୁଡ଼ା ଚାଷ ତାଲିମ

**ରସୁଲପୁର,୧୫।୧୦(ଡିଏନଏ)**



ମହିଳାମାନଙ୍କୁ କୁକୁଡା ଚାଷ ତାଲିମ୍ ଦିଆଯାଉଛି।

ରସୁଲପୁର ବ୍ଲକ ସହକାରୀ କୃଷି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଯାଜପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ଆନୁକୂଲ୍ୟରେ ବ୍ଲକସ୍ତରୀୟ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଅଣ୍ଡାଦିଆ କୁକୁଡା ଚାଷ ଉପରେ ତାଲିମ ପ୍ରଦାନ କରାଯାଇଛି। ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ବିଭାଗ ପକ୍ଷରୁ ଡିପ୍ ଲିଟର ପଦ୍ଧତିରେ କୁକୁଡା ଚାଷ କରିବା ଉପରେ ଗୁରୁତ୍ୱ କରାଯାଇଛି। ପୁରୁଣା ପଦ୍ଧତିରେ କୁକୁଡା ଚାଷ ନ କରି ଏହି ପଦ୍ଧତି କୁକୁଡା ଚାଷ କଲେ ଅଧିକ ଉତ୍ପାଦନ ହୋଇପାରିବ। ମହିଳାଙ୍କ ଆୟପନ୍ଥା ବଢିପାରିବ। କୁକୁଡା ଘର ତିଆରି ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରୁ ୫୪ହଜାର ଟଙ୍କା ପ୍ରଦାନ କରାଯାଉଛି। ଗୃହ ନିର୍ମାଣ ଶେଷ ହେବା ପରେ କୁକୁଡା ପାଳନ ପାଇଁ ୯୦ହାଜର ଟଙ୍କା ପ୍ରଦାନ କରାଯିବ। ପ୍ରକଳ୍ପର ୬୦ଶତକଡା ଅର୍ଥ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୫୪ହଜାର ଟଙ୍କା ଗୋଷ୍ଠୀ ଜମାଖାତାକୁ ଯିବ। ବାକି ୩୬ ହଜାର ଟଙ୍କା ଗୋଷ୍ଠୀ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବେ ନଚେତ୍ ବ୍ୟାଙ୍କରୁ ବିନା ସୁଧରେ ଆଣିପାରିବେ ବୋଲି ସମ୍ବଳ ଅଧିକାରୀମାନେ ମତ ରଖିଥିଲେ। ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁନାକର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ବିକାଶ ବିଭାଗର ଉପସଚିବ ଚକ୍ରଧର ବେହେରା, ମୁଖ୍ୟବକ୍ତା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଦ୍ମନାଭ ଦାସ, ସମ୍ମାନିତ ଅତିଥି ରସୁଲପୁର ବିଡିଓ ଉମାକାନ୍ତ ପରିଡା, କୋରେଇ ପ୍ରାଣୀ ଚିକିତ୍ସାଧିକାରୀ ବସନ୍ତ କୁମାର ବେହେରା, ରସୁଲପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଦୀପ୍ତିମୟୀ ନାୟକ, ସ୍ନେହଲତା ସାହୁ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସକ ବୈକୁଣ୍ଠ ଚରଣ ତ୍ରିପାଠୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ଅତିରିକ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ସେଠୀ, ପ୍ରକଳ୍ପ ଅଧିକାରିଣୀ ପ୍ରିୟଙ୍କା ମହାନ୍ତି, ସୁପରଭାଇଜର ସୁଚିସ୍ମିତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ରସୁଲପୁର ବ୍ଲକ ଓ କୋରେଇ ବ୍ଲକରୁ ୭ଟି ଅଗ୍ରଣୀ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇ ତାଲିମ ନେଇଥିଲେ।

## ଫନୀ ସହାୟତା ବଣ୍ଟନ ପ୍ରକ୍ରିୟା ଆରମ୍ଭ

# ଦଲାଲଙ୍କୁ ସାବଧାନ ରହିବା ପାଇଁ ପରାମର୍ଶ

**ରସୁଲପୁର,୧୫।୧୦(ଡିଏନଏ)**

### ରସୁଲପୁର ତହସିଲ

ରସୁଲପୁର ତହସିଲରେ ବାତ୍ୟା ଫନୀ ସହାୟତା ପହଞ୍ଚିଛି। ବାତ୍ୟାରେ ପ୍ରଭାବିତ ହୋଇଥିବା ୧୪୯୯ ଘର ପାଇଁ ୪୫.୭୨ଲକ୍ଷ ଟଙ୍କା ଆସିଛି। ଉକ୍ତ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ତହସିଲ ଅଧୀନ ପ୍ରତ୍ୟେକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କର୍ମଚାରୀମାନେ ଫାଇଲ ଚଷିବା କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ବିପନ୍ନଙ୍କୁ ଫନୀ ସହାୟତା ପ୍ରଦାନ କରାଇ ଦେବାକୁ କହି ବିଭିନ୍ନ ପଞ୍ଚାୟତରେ କେତେଜଣ ଦଲାଲ ସକ୍ରିୟ ହୋଇପଡିଛନ୍ତି। ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଏଭଳି ସୂଚନା ପାଇବା ପରେ ତୁରନ୍ତ ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକ, କ୍ଷେତ୍ରାଧିକାରୀଙ୍କୁ ଏକ ବୈଠକ ଡାକି ସଚେତନ କରାଇଛନ୍ତି। ପ୍ରତ୍ୟେକ ହିତାଧିକାରୀ ସେମାନଙ୍କ ଅଭିଯୋଗ ସିଧାସଳଖ ରାଜସ୍ୱ ନିରୀକ୍ଷକ ଓ ତହସିଲ କାର୍ଯ୍ୟାଳୟରେ ପହଞ୍ଚ କରିବା ପାଇଁ ଅନୁରୋଧ କରିଛନ୍ତି। ଏ ଦିଗରେ କୌଣସି ମଧ୍ୟସ୍ଥଙ୍କର ଭୂମିକା ନାହିଁ। ଉକ୍ତ ବାର୍ତ୍ତାକୁ କ୍ଷେତ୍ରାଧିକାରୀମାନେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦିଆଯାଇଛି।

ଏହି ତହସିଲ ଅଧୀନରେ ୫ଟି ରାଜସ୍ୱ ସର୍କଲ ରହିଛି। ନରସିଂହପୁର ରାଜସ୍ୱ ସର୍କଲ ଅଧୀନରେ ୮ଟି ପଞ୍ଚାୟତର ୬୬୯, ଆଦମପୁରର ୪ ପଞ୍ଚାୟତରୁ ୨୪୭, ସାମନ୍ତରାପୁରର ୭ ପଞ୍ଚାୟତରୁ ୧୪୬, କସ୍ପାର ୫ ପଞ୍ଚାୟତରୁ ୨୧୦, ପହଁଗାର ୪ଟିରୁ ୨୨୭ଟି ସମେତ ମୋଟ ୧୪୯୯ ପରିବାରର କଚ୍ଚାଘର ପ୍ରଭାବିତ ହୋଇଛି। ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ତାଲିକା ପଞ୍ଚାୟତର କେତେଜଣ କୁଜି ନେତା ଓ ଦଲାଲଙ୍କ ହାତରେ ପଡ଼ିଯାଇଛି। ତାଲିକାରେ ଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ ଟାର୍ଗେଟ କରି ଦଲାଲମାନେ ପହଞ୍ଚି ଯାଉଛନ୍ତି। ସେମାନଙ୍କୁ ଫନୀ ସହାୟତା କରାଇ ଦେବେ ବୋଲି କହୁଛନ୍ତି। ସେମାନଙ୍କୁ ବ୍ୟାଙ୍କ ପାସବୁକ୍ ଓ ଆଧାରକାର୍ଡ ଜେରକ୍ସ ଦେବାକୁ କହୁଛନ୍ତି। ବଦଳରେ ୨୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଦାବି କରୁଛନ୍ତି। ଟଙ୍କା ନ ଦେଲେ ସେମାନଙ୍କୁ ଘରଭଙ୍ଗା ସହାୟତା ମିଳିବ ନାହିଁ ବୋଲି ଧମକ ବି ଦେଉଛନ୍ତି। ନିରୀହ ଜନସାଧାରଣ ଭିତିରି କଥାକୁ ବୁଝି ନ ପାରି ଦଲାଲଙ୍କ କଥାରେ ବିଶ୍ୱାସ କରି ଯାଉଛନ୍ତି। କାଗଜପତ୍ର ଧରାଇ ଦେବା ସହ ଦାବି ମୁତାବକ ଅର୍ଥ ବି ପ୍ରଦାନ କରୁଛନ୍ତି। ଦଲାଲମାନେ ହିତାଧିକାରୀଙ୍କ କାଗଜପତ୍ରକୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚାଇ ଦେଇ ଆଦାୟ ଅର୍ଥକୁ ଚଳୁ କରିଦେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏଭଳି ଘଟଣାକୁ ନେଇ ତହସିଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗାଁ ଗଣ୍ଡାରେ ତହସିଲ କର୍ମଚାରୀଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତି କାଗଜପତ୍ର ମାଗୁଥିଲେ ସେମାନଙ୍କୁ ନ ଦେବାକୁ ପରାମର୍ଶ ଦିଆଯାଇଛି। ଅପରପକ୍ଷେ ହିତାଧିକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କଠାରୁ କାହାର କାଗଜପତ୍ର ଗ୍ରହଣ ନ କରିବା ପାଇଁ ତହସିଲ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ତ୍ରୁଟି ବିଚ୍ୟୁତି ଘଟିଲେ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନର ଭୟ ବି ଦେଖାଯାଇଛି। ତହସିଲ ସୁପରଭାଇଜର ମହେଶ୍ୱର ସେଠୀଙ୍କୁ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି। ଏ ନେଇ ତହସିଲଦାରଙ୍କ ମତାମତ ନେବାରୁ ସେ ଏଭଳି କୌଣସି ଲିଖିତ ଅଭିଯୋଗ ପାଇନାହାନ୍ତି। ମାତ୍ର ପ୍ରୋସେସିଂ ଆରମ୍ଭରୁ ସେ ଏ ଦିଗରେ ତାଙ୍କର କର୍ମଚାରୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। କୌଣସି ଲିଖିତ ଅଭିଯୋଗ ଆସିଲେ ସେ ନେଇ ତଦନ୍ତ କରିବେ। ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦଲାଲଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଓଲଳ ପଞ୍ଚାୟତର ନଥିପତ୍ର ଚୋରି

କଳିଙ୍ଗନଗର,୧୫।୧୦(ଡି.ଏନ୍.ଏ.)- ଯାଜପୁର ଜିଲା ଦାନଗଦୀ ବ୍ଲକ ଓଲଳ ପଞ୍ଚାୟତର ସରକାରୀ ନଥିପତ୍ର ଚୋରି ହୋଇଥିବା ଜଣାପଡିଛି। ଖବର ମୁତାବକ ଓଲଳ ପଞ୍ଚାୟତର ଭତା ଖାତା ସହ ଅନ୍ୟାନ୍ୟ କାଗଜପତ୍ର ନେଇ ମଙ୍ଗଳବାର ନିଲମ୍ବିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ଦାସ କୌଣସି ଏକ କାମରେ ଯାଉଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କଠାରୁ ନଥିପତ୍ର ବ୍ୟାଗ୍ ଛଡାଇ ନେଇଥିବା ରାମଚନ୍ଦ୍ର କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଥାନାରେ ମାମଲା ହୋଇ ନ ଥିବା ଜଣାପଡିଛି। ତେବେ ଗତ ୪।୯।୧୯ରେ ପଞ୍ଚାୟତରୁ ରାମଚନ୍ଦ୍ର ନିଲମ୍ବିତ ହୋଇଥିବା ବେଳେ ତାଙ୍କୁ କିପରି ସରକାରୀ କାଗଜପତ୍ର ଦିଆଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଦାନଗଦୀ ବିଡିଓ ମଣିପ୍ରସାଦ ମିଶ୍ରଙ୍କ ମତାମତ ମିଳିପାରି ନାହିଁ।

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଧର୍ମଶାଳା,୧୫।୧୦(ଡି.ଏନ୍.ଏ.)- ଧର୍ମଶାଳା ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ମଙ୍ଗଳବାର ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ସ୍ଥାନୀୟ କମାଗଡ ଗ୍ରାମର କ୍ଷୀରୋଦ ବଳଙ୍କ ପୁଅ ସତ୍ୟବ୍ରତ (୧୮)। ସେ +୨ରେ ପାଠ ପଢୁଥିଲେ। ଲକ୍ଷ୍ମୀପୁଜା ପାଇଁ ମାମୁଘର ରଘୁନାଥପୁରକୁ ବୁଲିବାକୁ ଆସିଥିଲେ। ସକାଳେ ଗ୍ରାମ ପୋଖରୀରେ ସତ୍ୟବ୍ରତ ଗାଧୋଉଥିବାବେଳେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନ.ଂ୧୪/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ଘଟଣାର ତଦନ୍ତ ଚଳାଇଛି।

### ନଦୀପଠାରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ଧର୍ମଶାଳା,୧୫।୧୦(ଡି.ଏନ୍.ଏ.)- ଧର୍ମଶାଳା ଥାନା ଅନ୍ତର୍ଗତ ଭଗବାନପୁର ନିକଟସ୍ଥ କେଲୁଅ ନଦୀପଠାରୁ ମଙ୍ଗଳବାର ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ମୃତଦେହଟି ପ୍ରାୟ ୧୦ ଦିନରୁ ଉର୍ଦ୍ଧ୍ୱ ହେବ ପୋଲିସ ଅନୁମାନ କରୁଛି । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନ,ଂ ୧୫/୧୯) ରୁଜୁକରି ବ୍ୟବଚ୍ଛେଦ ଲାଗି ଯାଜପୁର ପଠାଇଛି। ମହିଳାଙ୍କ ପରିଚୟ ମିଳିବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ନଦୀପଠାରେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

### ଦିବ୍ୟାଙ୍ଗ ଭଉଣୀଭାଇ ଉଦ୍ଧାର

ଧର୍ମଶାଳା,୧୫।୧୦(ଡି.ଏନ୍.ଏ.)- ଧର୍ମଶାଳା ପୋଲିସ ମଙ୍ଗଳବାର ଦିବ୍ୟାଙ୍ଗ ଭଉଣୀଭାଇଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେମାନେ ହେଲେ ଜଗତସିଂପୁର ଏର୍‌ସମା ଅଞ୍ଚଳର ମନୋରଞ୍ଜନ ମଣ୍ଡଳଙ୍କ ପୁଅ କହ୍ନେଇ ମଣ୍ଡଳ(୧୮) ଓ ଭଉଣୀ ମାନସୀ ମଣ୍ଡଳ(୧୩)। ଗତ ୧୩ ତାରିଖରୁ ଉଭୟ କୌଣସି କାରଣରୁ ଘରୁ ପଳାଇ ଆସିଥିଲେ। ସୋମବାର ସୁଭଦ୍ରାପୁର ଗ୍ରାମରେ ବୁଲୁଥିବା ପୋଲିସ ଖବର ପାଇ ଉଭୟଙ୍କୁ ଉଦ୍ଧାର କରି ପରିବାକୁ ଖବର ଦେଇଥିଲା। ବାପା ଧର୍ମଶାଳା ଥାନାରେ ପହଞ୍ଚି ଝିଅପୁଅଙ୍କୁ ଥାନାରୁ ନେଇଥିଲେ।

### ସିପିଆଇ, ସିପିଏମ୍ ପକ୍ଷରୁ ପ୍ରତିବାଦ

ଯାଜପୁର ଟାଉନ,୧୫।୧୦(ଡିଏନ୍ଏ)- ଯାଜପୁର ଜିଲା ସିପିଆଇ ଓ ସିପିଏମ୍ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଦେଶର ୫ଟି ବାମପନ୍ଥି ଆହ୍ୱାନ କ୍ରମେ ସରକାରୀ ପୁଞ୍ଜି ନିବେସ ବୃଦ୍ଧିକରି ନିଯୁକ୍ତି ସୃଷ୍ଟି କରିବା, ବେକାରୀ ଭତ୍ତା ପ୍ରଦାନ କରିବା, ସର୍ବନିମ୍ନ ମାସିକ ମଜୁରୀ ୧୮ହଜାର ଟଙ୍କା ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇ କରଣ, ପ୍ରତିରକ୍ଷା ଓ କୋଇଲା କ୍ଷେତ୍ରରେ ଶତପ୍ରତିଶତ ବିଦେଶୀ ପୁଞ୍ଜିନିବେଶ ବନ୍ଦ କରିବା, କୃଷକଙ୍କୁ ଋଣ ଛାଡ କରିବା, ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରି ଦେଢ଼ଗୁଣା କରିବା ଆଦି ଦାବି କରି ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସଭାରେ ସିପିଆଇ ରାଜ୍ୟ କମିଟି ସମ୍ପାଦକ ମଣ୍ଡଳୀ ସଭ୍ୟ ସୌରିବନ୍ଧୁ କର, ସିପିଆଇ(ଏମ୍) ରାଜ୍ୟ କମିଟି ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଫଳରେ ଦେଶ ଏବେ ଘୋର ସଙ୍କଟରେ ଗତି କରୁଛି ବୋଲି କହିଥିଲେ। ଏହି ସଭାରେ ଯାଜପୁର ଜିଲା ସିପିଆଇ ସମ୍ପାଦକ ମଳୟ ପଣ୍ଡା, ସିପିଆଇଏମ୍‌ର ଜିଲା ସମ୍ପାଦକ ବିଜୟ ନାୟକ ସଭା ପରିଚାଳନା କରିଥିଲେ।

■ ସଂକଟରେ ଚାଷୀ ଓ ଚାଷ

# ଧାନ ବିକି ପ୍ରାପ୍ୟ ଅପେକ୍ଷାରେ ୨ ଚାଷୀ

■ ୨ ଚାଷୀଙ୍କ ୯୧,୫୬୧ ଟଙ୍କା ଉଭାନ
■ ତଦନ୍ତ ନିର୍ଦ୍ଦେଶ ଦେଲେ ସମବାୟ ଅତିରିକ୍ତ ସଚିବ

ଯାଜପୁର ଅଫିସ,୧୫।୧୦

ଓଡ଼ିଶାରେ ଯେ ଚାଷୀ ଓ ଚାଷ ସଙ୍କଟରେ ଏହା ଅଛପା ନୁହେଁ। ଗତ କିଛିବର୍ଷ ହେଲା ଚାଷ ସରକାରୀସ୍ତରରେ ପ୍ରାଥମିକତା ହରାଇ ବସିଥିବାବେଳେ ବିଶ୍ୱତାପାୟନ ପ୍ରଭାବରେ ଜଳବାୟୁ ପରିବର୍ତ୍ତନ, ଚାଷୀ ଓ ଚାଷ ପାଇଁ ବାସ୍ତବବାଦୀ ନୀତିର ଅଭାବର ପରିଣାମ ସମଗ୍ର ରାଜ୍ୟରେ ଦେଖିବାକୁ ମିଳିଛି। ବିଳମ୍ବିତ ଓ ସ୍ୱଳ୍ପ ବର୍ଷା କାରଣରୁ ସମଗ୍ର ଓଡ଼ିଶାର ଅଣଜଳସେଚିତ ଅଞ୍ଚଳ ଚାଷୀ ପ୍ରାୟ ବର୍ଷଗୁଡ଼ିକରେ ମରୁଡିର ସମ୍ମୁଖୀନ ହେଉଛନ୍ତି। ତେବେ ସମ୍ପୃକ୍ତ ଅଧିକାରୀଙ୍କ କୃଷକଙ୍କ ପ୍ରତି ଆନ୍ତରିକତାର ଅଭାବ ଓ ଅବହେଳା ମଧ୍ୟ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏହିକ୍ରମରେ ଯାଜପୁର ଜିଲା ବରୀ ବ୍ଲକ ମନ୍ଦାରୀ ସେବା ସମବାୟ ସମିତିରେ ୨ଜଣ ଚାଷୀ ଗତ ୬ମାସ ହେଲା ଧାନ ବିକ୍ରି କରି ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ଏନେଇ ଚାଷୀଦ୍ୱୟ ସମବାୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଭାଗ ପକ୍ଷରୁ ଯାଜପୁର ସହକାରୀ ନିବନ୍ଧକ ସମବାୟ ସମିତି ସମୂହ(ଏଆରସିଏସ) ଓ ଭୁବନେଶ୍ୱର ନିବନ୍ଧକ ସମବାୟ ସମିତି ସମୂହ(ଆରସିଏସ)ଙ୍କୁ ୩ଦିନ ମଧ୍ୟରେ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ହୋଇଛି।

ଖରିଫ ଧାନ ସଂଗ୍ରହ ଋତୁ ୨୦୧୮-୧୯ରେ ମନ୍ଦାରୀ ସେବା ସମବାୟ ସମିତି(ପ୍ୟାକ୍ସ)ରେ ଚାଷୀ ଅରୁଣ କୁମାର ଜେନା ଗତ ୩।୪।୨୦୧୯ରେ ୨୯.୮୫ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଏହାର ପ୍ରାପ୍ୟ ବାବଦକୁ ୫୨,୨୩୮ ଟଙ୍କା ନିୟମ ଅନୁସାରେ ଅରୁଣଙ୍କ ବ୍ୟାଙ୍କ ଖାତାରେ ଜମା ହେବା କଥା। କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ ଟଙ୍କା ତାଙ୍କ ଆକାଉଣ୍ଟକୁ ଆସିପାରି ନାହିଁ। ସେହିପରି ମନ୍ଦାରୀ ଗ୍ରାମର ଚାଷୀ ନିର୍ମଳ କୁମାର ଜେନା ସମାନ ଦିନରେ ୨୨.୪୭ କୁଇଣ୍ଟାଲ ଧାନର ପ୍ରାପ୍ୟ ବାବଦକୁ ୩୯,୩୨୩ ଟଙ୍କା ପାଇନାହାନ୍ତି। ଉଭୟ ଚାଷୀ ବହୁବାର ପ୍ୟାକ୍ସର ଦ୍ୱାରସ୍ଥ ହୋଇ ନିରାଶ ହୋଇଛନ୍ତି। ତେବେ ୬ମାସ ପର୍ଯ୍ୟନ୍ତ ଦିନ ଗଡାଇ ଚାଲିଥିବାରୁ ଗତ ୪।୯।୨୦୧୯ରେ ଚାଷୀ ଦ୍ୱୟ ବିକ୍ରେତାଙ୍କ ରସିଦ ସହ ସମବାୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସମବାୟ ଅତିରିକ୍ତ ଶାସନ ସଚିବ ଭରତଚନ୍ଦ୍ର ବେହେରା ତାଙ୍କ ପତ୍ରସଂଖ୍ୟା ୬୬୧୬/ସମବାୟ/୪।୧୦।୨୦୧୯ରେ ଭୁବନେଶ୍ୱର ଆରସିଏସ୍‌ଙ୍କୁ ଅଭିଯୋଗର ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପତ୍ର ଆଧାରରେ ଆରସିଏସ ତାଙ୍କ ପତ୍ରସଂଖ୍ୟା ୨୨୧୮୫/୧୫।୧୦।୨୦୧୯ରେ ୩ଦିନ ମଧ୍ୟରେ ଅଭିଯୋଗର ଆବଶ୍ୟକ ତଦନ୍ତ କରି ଏକ ସବିଶେଷ ରିପୋର୍ଟ ଦାଖଲ କରିବାକୁ ଯାଜପୁର ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧାନବିକ୍ରିର ୨୪ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟରେ ପ୍ରାପ୍ୟ ପ୍ରଦାନ କରିବାର ନିୟମ ରହିଛି। ତେବେ କେଉଁ କାରଣରୁ ଚାଷୀ ଦ୍ୱୟ ଗତ ୬ମାସ ହେଲା ତାଙ୍କ ପ୍ରାପ୍ୟ ପାଇନାହାନ୍ତି ତାହା ତଦନ୍ତ ସାପେକ୍ଷ। ଏଥିରେ ଅବହେଳା କରିଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି ହେଉଛି। ଯାଜପୁର ଜିଲାର ବିଭିନ୍ନ ପ୍ୟାକ୍ସରେ ଅନିୟମିତତା, ଚାଷୀଙ୍କ ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ ଆଦି ଦୁର୍ନୀତି ସୀମା ଲଂଘିଛି। ନିକଟରେ ମାର୍କଣ୍ଡପୁର ପ୍ୟାକ୍ସରେ ଜଣେ ରାତ୍ର ଜଗୁଆଳିଙ୍କ ପରିବାରବର୍ଗଙ୍କ ନାମରେ ପ୍ରାୟ ୧୯ ଲକ୍ଷ ଟଙ୍କା ହଡପ ହୋଇଥିବା ନେଇ ତଦନ୍ତ ଚାଲିଛି। ଏହି ତଦନ୍ତ ଦୀର୍ଘଦିନ ହେଲା ଲାଗି ରହିଥିଲେ ହେଁ ଏଯାଏ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିନାହିଁ। ଏ ସଂକ୍ରାନ୍ତରେ ମତାମତ ନେବାକୁ ଯାଜପୁର ଏଆରସିଏସ ଶରତ ମଲ୍ଲିକଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

### ନାବାଳିକା ଉଦ୍ଧାର, ଅପହରଣକାରୀ କୋର୍ଟ ଚାଲାଣ

ଧର୍ମଶାଳା,୧୫।୧୦(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ନାବାଳିକାଙ୍କୁ ସୋମବାର ରାତିରେ ପୋଲିସ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ନୂଆଖୁଣ୍ଟା ଗ୍ରାମର ବୁଲୁ ଦଳେଇ। ୨୦୧୭ ଅକ୍ଟୋବର ୧୦ତାରିଖରେ ବୁଲୁ ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନ.ଂ ୪୧୦/୧୭) ରୁଜୁକରି ତଦନ୍ତ ଚଳାଇଥିଲା। ସୋମବାର ବୁଲୁ ନାବାଳିକାଙ୍କୁ ନେଇ ଘରକୁ ଆସିଥିବା ଖବର ପାଇ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାରକ କରିବା ସହ ବୁଲୁଙ୍କୁ ଗିରଫ କରିଥିଲା। ମଙ୍ଗଳବାର ଧର୍ମଶାଳା ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଅଭିଯୁକ୍ତ ବୁଲୁକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକାଙ୍କୁ ମାଜିଷ୍ଟ୍ରେଟ୍ ନିକଟରେ ହାଜର କରାଯାଇଥିବା ଜଣାପଡିଛି।

■ ୯ ମାସ ହେବ ଶ୍ରମିକଙ୍କ ଦରମା ବନ୍ଦ

## ଆଜିଠାରୁ କାରଖାନା ସମ୍ମୁଖରେ ଧାରଣା

କଳିଙ୍ଗନଗର,୧୫।୧୦(ଡି.ଏନ.ଏ.)

କଳିଙ୍ଗନଗରସ୍ଥିତ ମୈଥାନ ମେସ୍‌କୋ କାରଖାନାରେ ଶ୍ରମିକମାନେ ୯ ମାସ ହେବ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗତ ଅଗଷ୍ଟ ୨୦ ତାରିଖରେ କଳିଙ୍ଗନଗର ମଜଦୁର ୟୁନିୟନ ପକ୍ଷରୁ ଚିଠି (ନଂ. ୫୦/୧୯)ରେ କାରଖାନା କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ଦେଇଥିଲେ। ଇତି ମଧ୍ୟରେ ଦାବିପତ୍ର ପ୍ରଦାନକୁ ଦେଢମାସ ବିତିଯାଇଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଫଳରେ ୧୩ ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷେ ୨ମାସ ହେବ ବିନା ନୋଟିସରେ କାରଖାନାକୁ ବନ୍ଦ କରାଯାଇଛି। ଏ ନେଇ ମଙ୍ଗଳବାର କାରଖାନା ସମ୍ମୁଖରେ ଶ୍ରମିକମାନେ ଧାରଣ ଦେବାକୁ ପୂର୍ବରୁ ସୂଚନା ଦେଇଥିଲେ। କିନ୍ତୁ କାରଖାନା କର୍ତ୍ତୃପକ୍ଷ ୧୪୪ ଧାରା ଲାଗୁ ପାଇଁ ଜିଲା ପ୍ରଶାସନ ନିକଟରେ ଆବେଦନ କରି ବିଫଳ ହୋଇଥିବା ଜଣାପଡିଛି। ଅପରପଧେ ଆନ୍ଦୋଳନକୁ ପ୍ରତ୍ୟାହାର ନେଇ ଶ୍ରମିକମାନଙ୍କ ଏକ ପ୍ରତିନିଧି ଦଳ ସହ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର ଏବଂ ଅତିରକ୍ତ ଆରକ୍ଷୀ ଅଧୀକ୍ଷକ ଆଲୋଚନା କରିଥିଲେ। ହେଲେ ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣଭାବେ ଧାରଣା ଦେବା ପାଇଁ ପ୍ରତିଶ୍ରୃତି ଦେଇଥିବା ଜଣାପଡିଛି । କୁମାର ଦଳେଇ, ପ୍ରହଲ୍ଲାଦ ପାଳ, ପ୍ରମୋଦ ସାହୁ, ଶ୍ରୀକାନ୍ତ ବେହେରା, କିଶୋର ସାମଲ, ଆଶିଷ ଓଝା, ରାଜେଶ ପାଲ, ସୌମ୍ୟରଞ୍ଜନ ନାୟକଙ୍କ ସମେତ ଅନ୍ୟ ଶ୍ରମିକମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ଏଡିଏମ୍ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସହ ଶ୍ରମିକମାନେ ଆଲୋଚନା କରୁଛନ୍ତି ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦଶରଥପୁର,୧୫।୧୦(ଡିଏନ୍ଏ)

ଦଶରଥପୁର ବ୍ଲକର ଅବିଭକ୍ତ ନନ୍ଦିପୁର ପଞ୍ଚାୟତରେ ବିଜୁଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ବିଷ୍ଣୁଚରଣ ମହାପାତ୍ର, ପ୍ରଦୀପ ମହାନ୍ତିଙ୍କ ନେତୃତ୍ୱରେ ଶହଶହ ବିଜେଡି କର୍ମୀ ବାବଲପୁରଠାରେ ଏକଜୁଟ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପଦଯାତ୍ରାକୁ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ସଫଳତା, ଆଗାମୀ ଲକ୍ଷ୍ୟ ଓ ଯୋଜନା ସରକାରଙ୍କ ନୂଆ ଅଭିଯାନ ୫-ଟି, ମୋ ସରକାର ଓ ଗାନ୍ଧୀଙ୍କ ବାଣୀ ପ୍ରଚାର କରିଥିଲେ। ପଦଯାତ୍ରା ଚଣ୍ଡିଗୋଳ ପଡିଆଠାରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ କର୍ମୀଙ୍କୁ ବିଧାୟିକା ଓ ଜିଲା ବିଜେଡି ସଭାପତି ବିଶାଳ ପଦଯାତ୍ରା ପାଇଁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ବିଜୁଜନତା ଦଳର ଉପସଭାନେତ୍ରୀ ସଂଯୁକ୍ତା ମହାନ୍ତି, ସମିତି ଉପାଧ୍ୟକ୍ଷ ରଞ୍ଜନ ପୃଷ୍ଟି, ସରପଞ୍ଚ ମନୋଜ ଦାସ, ଆନନ୍ଦ ବାରିକ, ନବକିଶୋର ମଲ୍ଲିକ ପ୍ରମୁଖ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

■ ସରକାରୀ ଯୋଜନାରେ ମିଳୁନି ପକ୍କାଘର

### ବ୍ଲକ କାର୍ଯ୍ୟାଳୟ ଘେରିଲେ ଲୋକେ


ପକ୍କାଘର ପାଇବାରୁ ବଞ୍ଚିତ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

ସୁକିନ୍ଦା,୧୫।୧୦(ଡି.ଏନ୍.ଏ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କନ୍ତିରା, ବାହାବଳପୁର, ବର୍ତ୍ତଣ୍ଡା ଗ୍ରାମ ସହ ୨୫ ପଞ୍ଚାୟତର ବହୁ ଲୋକ ସରକାରୀ ଯୋଜନାରେ ପକ୍କାଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଘରଖଣ୍ଡେ ପାଇବା ପାଇଁ ବିଭିନ୍ନ କାର୍ଯ୍ୟାଳୟ ଦ୍ୱାରସ୍ଥ ହେଲେ ମଧ୍ୟ ଘର ପାଇପାରୁ ନାହାନ୍ତି। ଏ ନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ଗ୍ରାମର ଶତାଧିକ ଲୋକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ବ୍ଲକ ପରିସରରେ ଉତ୍ତେଜନା ଦେଖାଦେବା ସହ କାର୍ଯ୍ୟାଳୟ ଏକରକମ ଅଚଳ ହୋଇଥିଲା। ବିଡିଓ କାର୍ଯାଳୟରେ ଅନୁପସ୍ଥିତ ଥିବାରୁ ଅନ୍ୟାନ୍ୟ ଅଧିକାରୀମାନେ ଧାରଣାକାରୀଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ଦାବି ନ ପୂରଣ ହେବା ପର୍ଯ୍ୟନ୍ତ ବସିରହିବାକୁ କହିଥିଲେ। ବ୍ଲକ ଆକାଉଣ୍ଟାଣ୍ଟ ନିରାକାର ମହାକୁଡ ବିଡିଓଙ୍କୁ ଦାବିପତ୍ର ବାବଦରେ ଜଣାଇବା ସହ ଆସନ୍ତା ଦୁଇ ଦିନ ମଧ୍ୟରେ ସମାଧାନ କରିବାକୁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହର ହୋଇଥିଲା। ପରେ ଗ୍ରାମବାସୀଙ୍କ ତରଫରୁ ପୁଷ୍ପକ ମହାପାତ୍ର, ସେକ୍ ମୁସଲିମ ଖାନ, ସଂଗ୍ରାମ ମହାପାତ୍ରଙ୍କ ସମେତ ଅନ୍ୟମାନେ ଆକାଉଣ୍ଟାଣ୍ଟ ନିରାକାରଙ୍କୁ ଦାବିପତ୍ର ପ୍ରଦାନରେ କରିଥିଲେ।

■ ଅବଦୁଲ କଲାମଙ୍କ ଜୟନ୍ତୀ

## କଲାମଙ୍କ ଜୀବନାଦର୍ଶ ଅନୁକରଣ କରିବାକୁ ଆହ୍ୱାନ

ଚଣ୍ଡିଖୋଲ,୧୫।୧୦(ଡି.ଏନ.ଏ)

ଏ.ପି.ଜେ ଅବଦୁଲ କଲାମଙ୍କ ୮୯ତମ ଜୟନ୍ତୀ ଚଣ୍ଡିଖୋଲସ୍ଥିତ ପ୍ରୟାସ ଅନୁଷ୍ଠାନ ତରଫରୁ ମଙ୍ଗଳବାର ବଡ଼ଚଣା ବ୍ଲକ ରାଣୀବନ୍ଦ ଗ୍ରାମରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ ୨୦୦୩ ମେ ୧୫ରେ ଏହି ଗ୍ରାମକୁ ଆସି ଆଦିବାସୀଙ୍କ ନିମନ୍ତେ ବାସଗୃହ ଯୋଗାଣକୁ ଲୋକାର୍ପଣ କରିଥିଲେ। ସେହି ସ୍ମୃତିରେ ପ୍ରତିବର୍ଷ ପ୍ରୟାସ ଅନଷ୍ଠାନ ପକ୍ଷରୁ ମହାମନିଷୀଙ୍କ ଜୟନ୍ତୀ ପାଳନ କରାଯାଉଥିବାକୁ ପ୍ରଶଂସା କରିଥିଲେ। କର୍ମ ସଂସ୍ଥାନ ପଛରେ ନ ଗୋଡ଼ାଇ ଯୁବପିଢ଼ିମାନେ କଲାମଙ୍କ ଜୀବନାଦର୍ଶକୁ ଅନୁକରଣ କରିବାକୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଭାଗ୍ୟଧର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବକାର ଅନିରୁଦ୍ଧ ସାମନ୍ତରାୟ, ଯଯାତି କେଶରୀ ରାଉତ, ପ୍ରଭାକର ସାମଲ, ବେଣୁଧର ପଣ୍ଡା, ସଲିଳ ରାଜନନ୍ଦନ ମହାନ୍ତି, ସାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ କଲାମଙ୍କ ଗୁଣାବଳୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଶାନ୍ତ କୁମାର ପରିଡ଼ା, ବନପାଳ ଶଶିଭୁଷଣ ବେହେରା, ଦେବବ୍ରତ ଦେବତା, ବିଭୁରଞ୍ଜନ ଦାସ, ସୁଧାକର ସାହୁ, ମୋହନ ମହାରଣା, ଅକ୍ଷୟ କୁମାର ବିଟ୍, ମୃତ୍ୟୁଞ୍ଜୟ ଜେନା, ଚିତ୍ତରଞ୍ଜନ ମହାନ୍ତି, ଲିପ୍ତିମୟୀ ରାଉଳ, ରାମ ସ୍ୱରୂପ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ଭାରତ ଭୁଷଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସମରେନ୍ଦ୍ର ମାହାଲା ଅତିଥି ପରିଚୟ ଓ ଅନୁଷ୍ଠାନ ସଭାପତି ଆଶିଷ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବକୁ ସୁରେନ୍ଦ୍ର ସାମଲ, ହେମଶ ଜେନା, ବସନ୍ତ ପଲେଇ, ପ୍ରତାପ ଗୋଛାୟତ, ସୁଶାନ୍ତ କୁମାର ନାୟକ, ଅନିଲ ନାୟକ, ମକର ଧ୍ୱଜ ଦାସ ପ୍ରମୁଖ ପରିଚାଳନା କରିଥିଲେ। ମାନସ ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ନେଉଳପୁରରେ କଂଗ୍ରେସର କର୍ମୀ ସମ୍ମିଳନୀ

ଧର୍ମଶାଳା,୧୫।୧୦(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁର ଗ୍ରାମ ପଞ୍ଚାୟତରେ ସୋମବାର କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତି ସଭ୍ୟ ହିମାଂଶୁ ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ ମହିଳା ସେଲ୍‌ର ସାଧାରଣ ସମ୍ପାଦିକା ସ୍ମୃତିରେଖା ପହି ଯୋଗଦେଇଥିଲେ। ଏହି ଅବସରରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ହେଉଥିବା ଦୁର୍ନୀତି ଓ ଅତ୍ୟାଚାର ବିରୋଧରେ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ ମୁକାବିଲା କରିବା ପାଇଁ ପହୀ ପରାମର୍ଶ ଦେଇଥିଲେ। ଏଥିସହ ଦଳରେ ଥିବା ମତଭେଦକୁ ଭୁଲି ସମସ୍ତେ ଏକ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ସମ୍ମିଳନୀରେ ନେଉଳପୁର ଗ୍ରାମ ପଞ୍ଚାୟତ ସଭାପତି ଭାବେ ସେକ୍ କନୱାରଙ୍କ ନାମ ଘୋଷଣା କରାଯାଇଛି। ଅରାବଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ସାମଲ, ଛାତ୍ର ନେତା ବିଭୂତି ଭୂଷଣ ଜେନା, ସେକ୍ ଆସାଦ, ସେକ ମୁକ୍ତାର, ସେକ୍ କାଲାମ, ସେକ୍ ସାଦୁ, ସେକ୍ ରାଜା, ସେକ୍ ସଲ୍ଲାଉଦ୍ଦିନ, ଛବି ସାହୁ, ନକୁଳ ସାହୁ, ମଗୁଳି ଦାସ, ସେକ୍ ଇକବାଲ, ସେକ୍ କପୁରୁଦ୍ଦିନ, ସେକ ସିକନ୍ଦର, ସେକ ଜୁମନ, ସେକ ଆଜାମ ସମେତ ଶତାଧିକ କଂଗ୍ରେସ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

■ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

## ଜିଲାପାଳଙ୍କୁ ଭେଟିଲେ ସରପଞ୍ଚ, ୱାର୍ଡସଭ୍ୟ

ଯାଜପୁର ଟାଉନ,୧୫।୧୦(ଡିଏନଏ)

ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର ସରପଞ୍ଚ ସୁନୀତା ନାୟକଙ୍କୁ ରାଜନୈତିକ ଆକ୍ରୋଶ ରଖି ନିଲମ୍ବନ କରାଯାଇଥିବା ଓ ସରପଞ୍ଚଙ୍କ ପରିବର୍ତ୍ତେ ତାଙ୍କ ସ୍ୱାମୀ ସଭା ପରିଚାଳନା କରୁଥିବା ନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଏହାର କୌଣସି ତଦନ୍ତ ନ କରି ବ୍ଲକ ପ୍ରଶାସନ ସରପଞ୍ଚ ନାୟକଙ୍କୁ ଦାୟିତ୍ୱରୁ ନିଲମ୍ବନ କରିଥିଲେ। ନାୟକ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସରପଞ୍ଚ ନାୟକଙ୍କ ଅପିଲକୁ ବିଚାରକୁ ନେଇ ସରପଞ୍ଚ ପଦବୀର ସ୍ଥିତାବସ୍ଥା ରକ୍ଷା କରିବା ପାଇଁ ଅତିରିକ୍ତ ସଚିବ ପଞ୍ଚାୟତିରାଜ, ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ, ବିଡିଓ, ଗ୍ରାମପଞ୍ଚାୟତ ଅଧିକାରୀ ତଥା ଅନ୍ୟ କେତେକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ବି ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗତ ୧୧ ତାରିଖ ସମସ୍ତ ବ୍ୟାଙ୍କ ଖାତାଗୁଡିକରୁ ସରପଞ୍ଚ ସୁନୀତା ନାୟକଙ୍କ ନାମକୁ କାଟି ନାଏବ ସରପଞ୍ଚ ଭାସ୍କର ମଲ୍ଲିକଙ୍କ ନାମକୁ ଯୋଡିବା ପାଇଁ ବ୍ୟାଙ୍କଗୁଡ଼ିକୁ ପଠାଇଥିଲେ। ଏହି ଖବର ପାଇବା ମାତ୍ରେ ଅର୍ଦ୍ଧାଧିକ ୱାର୍ଡ ସଭ୍ୟାସଭ୍ୟ ଏବଂ ସରପଞ୍ଚ ଥାନାରେ ଏତଲା ଦେଇଥିଲେ। ଏଥିସହିତ ଏହି ଏତଲାର ନକଲ ସମ୍ପୃକ୍ତ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକ ପ୍ରଶାସନ ସୋମବାର ସକାଳେ ନାଏବ ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏକ ବୈଠକ କରିଥିଲେ। ଗ୍ରାମବାସୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏହି ଚଞ୍ଚକତା ସମ୍ପର୍କରେ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ ଓ ଖାତାପତ୍ର ନେଇ ସେଠାରୁ ପଳାଇ ଯାଇଥିଲେ। ଏହାପରେ ସରପଞ୍ଚ ନାୟକ ଏବଂ ୱାର୍ଡ ସଭ୍ୟସଭ୍ୟା ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଅଭିଯୋଗ ଜଣାଇବା ସହିତ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ପ୍ରଦାନ କରିଥିବା ଜଣାପଡିଛି।

■ କର୍ମଚାରୀଙ୍କ ଅନଶନକୁ ନେଇ ତ୍ରିପାକ୍ଷିକ ବୈଠକ

## ଦୁଇଦିନରେ ସମାଧାନ କରିବାକୁ ନିର୍ଦ୍ଦେଶ

କାଳିଆପାଣି,୧୫।୧୦(ଡି.ଏନ୍.ଏ.)

ଅଟ୍‌ୱାଲ ଛଟେଇ ଶ୍ରମିକଙ୍କ ଅନଶନକୁ ନେଇ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ସମାଧାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଉପଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଟାଟା କମ୍ପାନୀ ଭିଟି ସେଣ୍ଟର ଗୃହରେ ବୈଠକ ହୋଇଥିଲା। ଏଥିରେ ୧୪/୧୫ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବକେୟା ରହିଥିବା ବୋନସ, ଛୁଟି, ଏଲ୍‌ଟିସି, ମେଡିକାଲ ଆଲାଓନ୍ସ, ଓଟି, ଅବସରକାଳୀନ ବିଭିନ୍ନ ଆନୁଷଙ୍ଗିକ ପ୍ରାପ୍ୟକୁ ନେଇ କରାଯାଇଥିବା ଦାବି ଉପରେ ଆଲୋଚନା ହୋଇଥିଲା। କର୍ମଚାରୀମାନେ ପ୍ରାଥମିକ ସ୍ତରରେ ନିଜଦାବି ଉପସ୍ଥାନ କରିଥିବା ବେଳେ ଜିଲାପ୍ରଶାସନ ଓ ଟାଟା କର୍ତ୍ତୃପକ୍ଷ ଏହାକୁ ଗ୍ରହଣ କରିଥିଲେ। ଦାବିଗୁଡିକ ମଧ୍ୟରୁ ଅଧିକାଂଶ ଦାବି ଶ୍ରମିକମାନେ ପାଇବା ହକ ବୋଲି ପ୍ରଶାସନ ହୃଦବୋଧ କରିବା ପରେ ଏ ସମ୍ପର୍କରେ ଅଟୱାଲ କର୍ତ୍ତୃପକ୍ଷଙ୍କୁ ମତରଖିବାକୁ କହିଥିଲେ। ଏହାର ଉତ୍ତରରେ ଅଟ୍‌ୱାଲ ସଂସ୍ଥା ଆର୍ଥିକସ୍ଥିତି ଦେଇ ଗତି କରୁଥିବାବେଳେ ଟାଟା ନିକଟ ରହିଥିବା ବକେୟା ଅର୍ଥ ମିଳିଲେ କର୍ମଚାରୀଙ୍କ ଅର୍ଥ ପ୍ରଦାନ କରାଯିବ ବୋଲି ଜିଏମ୍ ମଳୟ ରଞ୍ଜନ ପଟ୍ଟନାୟକ କହିଥିଲେ। ଅପରପକ୍ଷେ ଅଟୱାଲ କର୍ତ୍ତୃପକ୍ଷ ଟାଟା କମ୍ପାନୀକୁ କୌଣସି ସୂଚନା ନ ଦେଇ କାର୍ଯ୍ୟବନ୍ଦ ନୋଟିସ କରିବା ନେଇ ବୈଠକରେ ଟାଟା ଖଣି ମୁଖ୍ୟ ରାଜେଶ ପଟେଲ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ କର୍ମଚାରୀଙ୍କ କିଛି ଦାବିକୁ ଅଟୱାଲ କର୍ତ୍ତୃପକ୍ଷ ମାନିନେଇଥିବା ଜଣାପଡିଛି। କର୍ମଚାରୀଙ୍କ ପକ୍ଷରୁ କରାଯାଇଥିବା ଅବଶିଷ୍ଟ ଦାବିଗୁଡିକୁ ଆଗାମୀ ଦିନରେ ୨ ଦିନ ଭିତରେ ଟାଟା କର୍ତ୍ତୃପକ୍ଷ, ଅଟ୍‌ୱାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ପ୍ରତିନିଧି ମଧ୍ୟରେ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ଓ କଳିଙ୍ଗନଗର ଉପ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଉପସ୍ଥିତଥିବା ଟାଟା ଖଣି ମୁଖ୍ୟ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଜି.ଏସ୍.ଅଟୱାଲ କମ୍ପାନୀର ଏମଡି ଗୋବିନ୍ଦସିଂ, ଅଟୱାଲ ଆଇନ ପରାମର୍ଶଦାତା ଏସ୍.ଏନ୍.ପଟ୍ଟନାୟକ, କର୍ମଚାରୀ ପ୍ରତିନିଧି ସନ୍ତୋଷ କୁମାର ଧଳ, ମହେଶ୍ୱର ବାରିକ, ଅଜୟ ନାୟକ, ହଳଧର ସାମଲ, ରାଜେଶ୍ୱର କୁମାର ସିଂ, ବିଶ୍ୱନାଥ ମହାନ୍ତି, ପବିତ୍ର ମହାନ୍ତ, ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି , ଟାଟା କମ୍ପାନୀ ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଗୋପାଳ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରକାଶ ଯେ, ଖଣିରେ ଶ୍ରମିକମାନେ ବିଭିନ୍ନ ଦାବିରେ ଗାନ୍ଧୀ ଜୟନ୍ତୀରୁ ଧାରଣା ଦେଇଛନ୍ତି।



## ସଂକ୍ଷେପରେ

### ମାଟିଘର ସାହିତ୍ୟ ସଂସଦର କବିତା ଆସର



ରାହାମା,୧୫।୧୦( ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ମାଟିଘର ସାହିତ୍ୟ ସଂସଦର ଶାରଦୀୟ କବିତା ଆସର ଅନୁଷ୍ଠିତ ହୋଇଛି। ଉକ୍ତ ଆସରରେ ଅନୁଷ୍ଠାନର ଉପସଭାପତି ସଞ୍ଜୁକ୍ତା ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସର୍ବଶ୍ରୀ ବ୍ରଜ କିଶୋର ମହାରାଜ, ଅଧିକାରୀ ରମାକାନ୍ତ ଦାସ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସହ ସମ୍ପାଦିକା ଇନ୍ଦୁପ୍ରଭା ବିଶ୍ୱାଳ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତା ଦାସ, ସୁଶାନ୍ତ କୁମାର ମହାନ୍ତି, ଧିରେନ୍ଦ୍ର କୁମାର ବେହେରା, ରାଜେନ୍ଦ୍ର କୁମାର ବାରିକ ଓ ବିନୋଦ କୁମାର ମୁଦୁଲି ପ୍ରମୁଖ ସ୍ୱରଚିତ କବିତା ପାଠକରି ଶାରଦୀୟ ଆସରକୁ ମନୋଜ୍ଞ କରିଥିଲେ।

### ରୋଟାରି କ୍ଲବ୍ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ

**ପଟ୍ଟାମୁଣ୍ଡାଇ, ୧୫।୧୦ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ରୋଟାରି କ୍ଲବ ପକ୍ଷରୁ ଉପଖଣ୍ଡସ୍ତରୀୟ ହସ୍ପିଟାଲ୍‌ରେ ଇତିମଧ୍ୟରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୋଟାରୀ କ୍ଲବର ସଦସ୍ୟମାନେ ହସ୍ପିଟାଲ ପରିସର ସମେତ ଚତୁଃପାର୍ଶ୍ୱ ସଫେଇ କରିଥିଲେ। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ସଭାଗୃହରେ ଅନୁଷ୍ଠିତ ସଚେତନତା ସଭାରେ ରୋଟାରୀ କ୍ଲବ ସଭାପତି ଆଡଭୋକେଟ ସୂର୍ଯ୍ୟରଞ୍ଜନ ରାଉଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ପାଦକ ତପନ କୁମାର ମିଶ୍ର, କୋଷାଧ୍ୟକ୍ଷ ଜୟନ୍ତ କୁମାର ବେହୁରା, ଡ. ନରହରି ଲେଙ୍କା, ଡା. ସତ୍ୟବ୍ରତ ପ୍ରଧାନ, ରବୀନ୍ଦ୍ର କୁମାର ଦାଶ, ଶୁଭଦୀପ୍ ଗୁପ୍ତା, ଭୀମସେନ ପରିଡ଼ା, ଅଶ୍ୱିନୀ ବେହେରା, ହୃଦାନନ୍ଦ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ପାଢ଼ୀ, ମନୋଜ କୁମାର ନାୟକ, ବୀରେନ ପ୍ରତାପ ଜେନା, ଉପେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସ୍ୱଚ୍ଛଭାରତ ଅଭିଯାନକୁ ଅଧିକ କ୍ରୀୟାଶିଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିମାସରେ ହସ୍ପିଟାଲ ପରିସରରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବୈଠକ ଓ ରୋଗୀମାନଙ୍କ ସମସ୍ୟ ଉପରେ ସମୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ଅବସରରେ ରକ୍ତଦାନ ଶିବିର ଆୟୋଜନ କରାଯିବା ନେଇ ରୋଟାରୀ କ୍ଲବ ସଭାପତି ଆଇନଜୀବୀ ରାଉଳ ପ୍ରସ୍ତବ ରଖିଥିଲେ। ଏହି ସଭାରେ ଡାକ୍ତର ଅଭିଷେକ ବାରିକ, ଡାକ୍ତର ପ୍ରଦ୍ୟୁମ୍ନ ପଣ୍ଡା, ଶ୍ରୀଧର ମଲ୍ଲିକ, ନୃସିଂହ ଦାସ, ସନ୍ତୋଷ ବେହେରା, ମାନସ ଗୋଚ୍ଛାୟତ ଓ ଚନ୍ଦନ ମାଝି ପ୍ରମୁଖ ସ୍ୱାସ୍ଥ୍ୟ ପରିଦର୍ଶକମାନେ ଯୋଗଦେଇଥିଲେ।

■ ଶାରଳା ମନ୍ଦିର : ଭୋଗ, ଦୀପ ଦୋକାନୀଙ୍କୁ ଅନୁକମ୍ପା

# ଆଦାୟ ହେଉନି ବକେୟା ଟଙ୍କା

**ଜଗତ୍‌ସିଂହପୁର ଅଫିସ,୧୫।୧୦**

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠରେ ବର୍ଷ ବର୍ଷ ଧରି ଶ୍ରଦ୍ଧାଳୁଙ୍କୁ ଶୋଷଣ କରାଯିବା ସହ ରାଜସ୍ୱ ଲୁଟ୍ କରାଯାଉଥିଲେ ମଧ୍ୟ ଦେବୋତ୍ତର ବିଭାଗ ନୀରବ ଦ୍ରଷ୍ଟା ସାଜିଛି। ଏପରି କି ମନ୍ଦିର ପରିସରରେ ନିଲାମ ନେଇଥିବା ପାର୍କିଂ, ଭୋଗ ଓ ଦୀପ ଦୋକାନୀଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗତ ଅଗଷ୍ଟ ମାସରେ ନିଲାମଧାରୀଙ୍କୁ ତୁରନ୍ତ ବକେୟା ରାଶି ଦାଖଲ ପାଇଁ ନୋଟିସ୍ ହୋଇଥିଲା। କିନ୍ତୁ ଏହି ନୋଟିସ୍‌କୁ ନିଲାମଧାରୀମାନେ ଖାତିର କରୁନାହାନ୍ତି। କାହିଁକି ଏବଂ କେଉଁ କାରଣରୁ ସେମାନେ ବେଖାତିର କରୁଛନ୍ତି, ତାହାକୁ ନେଇ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷରେ ବାତ୍ୟା ଫନୀରେ କ୍ଷୟକ୍ଷତି ହୋଇଥିବା ଆଳ ଦେଖାଇ ଭୋଗ ଓ ଦୀପ ଦୋକାନୀ ଅର୍ଥ ଛାଡ ପାଇଁ କରିଥିବା ଆବେଦନକୁ ଦେବୋତ୍ତର କମିଶନର ଗ୍ରହଣ କରି ପାଖାପାଖି ୧୦ ଲକ୍ଷ ଟଙ୍କା ଛାଡ଼ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇଲା ପରେ ଦେବୋତ୍ତର କମିଶନର ପୁନର୍ବିଚାର କରିବେ ବୋଲି ପ୍ରତିକ୍ରିୟା ଦେଇ କହିଛନ୍ତି। ଗୋଟିଏ ପଟେ ଭୋଗ ଓ ଦୀପ ଦୋକାନୀ ପାଖାପାଖି ୫୦ ଲକ୍ଷ ଟଙ୍କା ବକେୟା ରାଶି ପୈଠ କରୁ ନ ଥିବାବେଳେ ଅନ୍ୟପଟେ ସେମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା ବିଭାଗୀୟ ମନ୍ଦ ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ଭୋଗ ଓଜନରେ ମଧ୍ୟ ପୂର୍ବପରି ବାଟମାରଣା କରାଯାଉଛି। ଏହାକୁ ରୋକିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ପ୍ରହସନ ପାଲଟିଛି। ଭୋଗ ଦୋକାନୀଙ୍କୁ ଇଲେକ୍ଟ୍ରୋନିକ୍ସ ଓଜନ ମେସିନ୍ ଦିଆଯାଇଥିଲେ ସୁଦ୍ଧା ତାହା ବ୍ୟବହାର ହେଉନି। ଏଥିସହ ଭୋଗ ଦର ଚାର୍ଟ ମାରିବା ପାଇଁ ନିର୍ଦ୍ଦେଶ ଥିଲେ ସୁଦ୍ଧା ତାହା କରାଯାଉନି।

ପ୍ରତିବର୍ଷ ଶାରଳା ମନ୍ଦିର ପାର୍କିଂ, ଭୋଗ ଓ ଦୀପ ଦୋକାନ ପାଇଁ ଟେଣ୍ଡର ହୁଏ। ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ କିସ୍ତି ଅନୁଯାୟୀ ଅର୍ଥ ପୈଠ କରିବାକୁ ସର୍ତ୍ତ ରଖାଯାଏ। ଏହି ଅନୁଯାୟୀ, ଗତବର୍ଷ ନିକୁଞ୍ଜ ରାଉଳଙ୍କୁ ପାର୍କିଂ, ସୁଶାନ୍ତ ରାଉଳ

> ■ନୋଟିସକୁ ଖାତିର କରୁନାହାନ୍ତି ଦୋକାନୀ
>
> ■କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଛାଡ଼ କରାଯାଉଛି ଟଙ୍କା

ଭୋଗ ଓ ସାରଦା ଚରଣ ପଣ୍ଡାଙ୍କୁ ଦୀପ ଦୋକାନ ପାଇଁ ଅନୁମତି ମିଳିଥିଲା। କିନ୍ତୁ ସେମାନେ କିସ୍ତି ଟଙ୍କା ଜମା କରିବାରେ ଖିଲାପ କରିଥିଲେ। ଏହି ଟଙ୍କା ଆଦାୟ ପାଇଁ ବିଭାଗ ପଦକ୍ଷେପ ନେବା ପରିବର୍ତ୍ତେ ନୀରବ ରହିବା ସହ ଚଳିତବର୍ଷ ସେମାନଙ୍କ ଚାଲକୁ ସମର୍ଥନ ଜଣାଇ ଅନ୍ୟ ୩ ଜଣଙ୍କୁ କାରବାର ପାଇଁ ସୁଯୋଗ ଦେଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଭୋଗ, ଦୀପ ଓ ପାର୍କିଂ ଦାୟିତ୍ୱ ଜଣେ ହିସାବରେ ବ୍ୟକ୍ତିଙ୍କ ନାମରେ ଥିଲେ ସୁଦ୍ଧା ପ୍ରତି କାରବାରରେ ୩ ଜଣିଆ ଭାଗିଦାରିତା ରହିଛି। ଗତବର୍ଷ ଏବଂ ଚଳିତବର୍ଷ ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ରହିଛି ସେମାନେ ଗୋଟିଏ ହିସାବରେ ଗୋଷ୍ଠୀର। କେବଳ ନିଲାମଧାରୀଙ୍କ ନାଁ ଅଲଗା ହୋଇଥିଲେ ସୁଦ୍ଧା ସେମାନେ ମିଳିତ କାରବାର କରିଆସୁଛନ୍ତି। ବକେୟା ଅର୍ଥ ଫାଙ୍କିବା ପାଇଁ ଏଭଳି ଚାଲ୍ କରାଯାଇଥିବା ବେଳେ ସମର୍ଥନ କରିଛି ମନ୍ଦିର ପ୍ରଶାସନ ଓ ଦେବୋତ୍ତର ବିଭାଗ। କେଉଁ କାରଣରୁ ସବୁ ଜାଣି ବିଭାଗ ନୀରବ ରହିଛି ତାହା ସନ୍ଦେହକୁ ବହୁଗୁଣିତ କରି ଦେଇଛି। କୁହାଯାଉଛି ଏଥିରେ ରାଜ୍ୟ ସରକାରଙ୍କ ଜଣେ ଆଗଧାଡିଆ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ବାତ୍ୟା ଫନୀ ଆଳରେ ଏହି ମନ୍ତ୍ରୀ କାଳେ ୧୦ ଲକ୍ଷ ଛାଡ ପାଇଁ ଦେବୋତ୍ତର କମିଶନରଙ୍କ ଉପରେ ଚାପ ପକାଇଥିଲେ। ଅନୁରୂପ ଭାବେ ସମ୍ପୃକ୍ତ ମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁ ବିଭାଗ ସେମାନଙ୍କଠାରୁ ବକେୟା ରାଶି ଆଦାୟ କରିବାକୁ ଚାହୁଁନି। ଆଉ କେତେକଙ୍କ କହିବା କଥା ହେଲା, ଦେବୋତ୍ତର ବିଭାଗ ଓ ମନ୍ଦିର ପ୍ରଶାସନର ମନ୍ଦ ଉଦ୍ଦେଶ୍ୟ ପଦାରେ ପଡ଼ିଯିବା ଆଶଙ୍କାରେ ମନ୍ତ୍ରୀଙ୍କ ନାଁ ନେଇ ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେବାକୁ ଉଦ୍ୟମ କରାଯାଉଛି। ତେବେ ଯାହା ହେଉ ନା କାହିଁକି, କିସ୍ତି ଟଙ୍କା ଆଦାୟ କରା ନ ଯିବାରୁ ମନ୍ଦିର ରାଜସ୍ୱ ହାନୀ ଘଟୁଛି ଏବଂ ଆଗକୁ ସମସ୍ୟା ଜଟିଳ ରୂପ ନେବା ସମ୍ଭାବନା ସୃଷ୍ଟି ହୋଇଛି।



ଜିଲାପାଳ, ସଚିବ ଓ ଅନ୍ୟ ଅଧିକାରୀମାନେ ରୋଗୀଙ୍କ ସହ ଆଲୋଚନା କରୁଛନ୍ତି।

### ସଚିବଙ୍କ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

# ଡାକ୍ତର ଅଭାବ ସମସ୍ୟା ଦୂର କରିବାକୁ ଗୁରୁତ୍ୱ

**ଏରସମା,୧୫।୧୦(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ୫ଟି ସୂତ୍ର ତଥା 'ମୋ ସରକାର' ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି ଯୋଜନାର ସଫଳତା ପାଇଁ ଗଢାଯାଇଥିବା କମିଟିର ସଚିବ ପ୍ରଦୀପ କୁମାର ଜେନା ମଙ୍ଗଳବାର ଏରସମା ବ୍ଲକ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ଅବସରରେ ସେ ସୋମପୁର ପଞ୍ଚାୟତର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି କିପରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ତାହା ଅନୁଧ୍ୟାନ କରିଥିଲେ। ଏହି ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପ୍ରାୟୋଜିତ ପ୍ରଗତି କାଇଁଚ ଉତ୍ପାଦନ ମହିଳା ଗୋଷ୍ଠୀର କାର୍ଯ୍ୟ ମଧ୍ୟ ସେ ଦେଖିଥିଲେ। କିପରି ପ୍ରୋତ୍ସାହନ ଦେଲେ ସେମାନଙ୍କ କାର୍ଯ୍ୟ ଅଧିକ ବିକଶିତ ହୋଇପାରିବ ତାହା ଆଲୋଚନା କରିଥିଲେ। ଗୋଡ଼ା ପଞ୍ଚାୟତ ପରିଦର୍ଶନ ପରେ ଅପରାହ୍ନ ୫ଟାରେ ସେ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଅସୁରକ୍ଷିତ ଗୃହର ମରାମତି ସହିତ ସ୍ୱତନ୍ତ୍ର ବିଭାଗର ଡାକ୍ତର ଅଭାବଜନିତ ସମସ୍ୟା ସମାଧାନ ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲାର ସବୁଠାରୁ ଦୂରବର୍ତ୍ତୀ ତଥା ସମୁଦ୍ର ଉପକୂଳବର୍ତ୍ତୀ ଏହି ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେଲା ସ୍ତ୍ରୀ ରୋଗ, ଶିଶୁରୋଗ ବିଶେଷଜ୍ଞ, ମେଡିସିନ ବିଭାଗ ସ୍ୱତନ୍ତ୍ର ଡାକ୍ତର ପଦବୀ ଖାଲି ପଡିଥିବା ସମ୍ପର୍କରେ ଅମ୍ବିକା ପ୍ରସାଦ ମହାନ୍ତି, ଉମକାନ୍ତ ତରାଇ ପ୍ରମୁଖ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ନିରାମୟ ଔଷଧର ବ୍ୟବହାର, ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ, ବିପଦ ସଙ୍କୁଳ ବିଦ୍ୟୁତ୍ ସବ୍‌ଷ୍ଟେଶନ ମରାମତି, ଜେନେରେଟର ରଖିବା ଆଦି ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ସ୍ୱତନ୍ତ୍ର ସଚିବ ଅନୂପ କୁମାର ପାଣିଗ୍ରାହୀ, ପିଡି ସରୋଜକାନ୍ତ ମହାନ୍ତି, ଶ୍ରମ ଅଧିକାରୀ ବାବା ଆନନ୍ଦ ରଞ୍ଜନ ଦାସ, ଆରଡି ବିଭାଗ ନିର୍ବାହୀ ଅଧିକାରୀ ଅନନ୍ତ ଗୋପାଳ ଶତପଥୀ, ବିଡିଓ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ସଚିବଙ୍କ ସହ ପରିଦର୍ଶନରେ ଆସିଥିଲେ।

### ୧୫୦ ଛାତ୍ରୀଛାତ୍ରଙ୍କୁ ମିଳୁନି ମାଇଗ୍ରେଶନ ସାର୍ଟିଫିକେଟ

# ଏସ୍‌ଭିଏମ୍ କଲେଜ ପରିସରରେ ଧାରଣା



ଧାରଣାରେ ବସିଥିବା ଛାତ୍ରୀଛାତ୍ର।

**ଜଗତ୍‌ସିଂହପୁର ଅଫିସ,୧୫।୧୦**

ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୧୫ରୁ ୨୦୧୮ ମସିହା ମଧ୍ୟରେ ଯୁକ୍ତ ୩ ଶିକ୍ଷାଲାଭ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପାଖାପାଖି ୧୫୦ ଜଣଙ୍କୁ ଏଯାଏ ମାଇଗ୍ରେସନ୍ ସାର୍ଟିଫିକେଟ୍ ମିଳିନାହିଁ। ଫଳରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସେମାନେ ଉଚ୍ଚଶିକ୍ଷା ଲାଭ କରିବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଛାତ୍ରୀଛାତ୍ର ମହାବିଦ୍ୟାଳୟ ପରିଚାଳନା ସମିତି, ଜିଲାପାଳ ଓ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହେଲା ପରେ ବାଧହୋଇ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ମହାବିଦ୍ୟାଳୟ ପରିସରରେ ଧାରଣା ଦେବା ସହ ସାର୍ଟିଫିକେଟ୍ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଦେବାଶିଷ ସ୍ୱାଇଁ, ପ୍ରଜ୍ଞାପ୍ରସାଦ ମଲ୍ଲିକ, ସୁଭାଶିଷ ତ୍ରିପାଠୀ, ଅନୁରାଗ ସ୍ୱାଇଁ, ରୋଜାଲିନ ବିଶ୍ୱାଳ, ଜ୍ୟୋତିରଞ୍ଜନ ରାଉତ ଓ ଦିବ୍ୟା ମାହେଶ୍ୱରୀ ପ୍ରମୁଖ କହିଛନ୍ତି ଯେ, ସେମାନେ ୨୦୧୫ରେ ଯୁକ୍ତ ୩ରେ ନାମ ଲେଖାଇ ୨୦୧୮ରେ ପାସ୍ ହୋଇଥିଲେ। ପରେ ସେମାନଙ୍କୁ ପ୍ରୋଭିଜିନାଲ ସାର୍ଟିଫିକେଟ୍ ଦିଆଯାଇଥିଲା। କିନ୍ତୁ ମାଇଗ୍ରେଶନ୍ ସାର୍ଟିଫିକେଟ୍ ଦିଆଯାଇ ନ ଥିଲା। ସାର୍ଟିଫିକେଟ ପ୍ରଦାନ ପାଇଁ ସମୟ ଗଡ଼ାଯିବାରୁ ସେମାନେ ନିରାଶ ହୋଇଥିଲେ। ଉଚ୍ଚଶିକ୍ଷା ଓ ନିଯୁକ୍ତି ପାଇଁ ମାଇଗ୍ରେଶନ୍ ସାର୍ଟିଫିକେଟ୍‌ର ଆବଶ୍ୟକତା ଥିବାବେଳେ ଏହା ନ ମିଳିବାରୁ ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋଟିଏ ଦିନ ସମୟ ନେଇଥିବାରୁ ସେମାନେ ଆନ୍ଦୋଳନରୁ ଉଠିଥିଲେ ମଧ୍ୟ ୧୬ ତାରିଖ ସକାଳୁ ପୁଣି ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

### ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ

**ବାଲିକୁଦା,୧୫।୧୦(ସ୍ୱ.ପ୍ର.)**

ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ୮୩ ତମ ଜୟନ୍ତୀ ବୋରିକିନା ଅଳକା ସାହିତ୍ୟ ସଂସଦ ତରଫରୁ ପାଳିତ ହୋଇଛି। ଆଇନଜୀବୀ ବୀର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ବିଷ୍ଣୁ ଚରଣ ସ୍ୱାଇଁ, ବନମାଳି ମହାନ୍ତି, ଦିଗ୍‌ବିଜୟ ନାୟକ, କାର୍ତ୍ତିକ ବେହେରା, ବିଚିତ୍ର ରଞ୍ଜନ ସାହୁ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର କଂସ ପ୍ରମୁଖ ଯୋଗ ଦେଇଥିଲେ।

■ ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

# ଆନ୍ନାଙ୍କ ସମାବେଶ ସଫଳ କରିବାକୁ ଆହ୍ୱାନ

**ତିର୍ତ୍ତୋଲ,୧୫।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ନବନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଙ୍ଗଠନ ପକ୍ଷରୁ କୃଷକଙ୍କୁ ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ପ୍ରଦାନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସମିତିସଭ୍ୟ ଶରତ ଚନ୍ଦ୍ର ମଲ୍ଲ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ପ୍ରଚାର କମିଟି ସଦସ୍ୟ ପ୍ରସନ୍ନ କୁମାର କୁଅଁର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଉପରୋକ୍ତ ଦାବି ଉପସ୍ଥାପନ କରିଥିଲେ। ଏଥିସହ ଆସନ୍ତା ମାସ ୬ ତାରିଖରେ ଭୁବନେଶ୍ୱରରେ ସମାଜସେବୀ ତଥା ଗାନ୍ଧୀବାଦୀ ଆନ୍ନା ହଜାରେଙ୍କ ନେତୃତ୍ୱରେ ହେବାକୁ ଥିବା ଚାଷୀ ସମାବେଶ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ସହସଂଯୋଜକ ଅଶୋକ ବାରିକ, ସ୍ମୃତିରଞ୍ଜନ ରାଉତ, ନାରାୟଣ ମହାରଣା, ଦିଲୀପ ଖଣ୍ଡୁଆଳ, ଉପଦେଷ୍ଟା ରାଜକିଶୋର ଦାସ, ପ୍ରମୋଦ ତ୍ରିପାଠୀ, ପୂର୍ବତନ ସରପଞ୍ଚ ଅଧିର କୁମାର ସ୍ୱାଇଁ, ନିମାଇଁ ମଲ୍ଲ, ପ୍ରସନ୍ନ ଦାସ, ପ୍ରମୋଦ ଦାସ, ମୃଣ୍ମୟ ସ୍ୱାଇଁ, ନିତ୍ୟାନନ୍ଦ ସାହୁ, ଅଶୋକ ସାହୁ, ଅକ୍ଷୟ ତାରେଣିଆ, ରାଜକିଶୋର ସ୍ୱାଇଁ, ମାୟାଧର ସାହୁ, ଗୌରହରି ସ୍ୱାଇଁ, ବନବିହାରୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରେ ହେବାକୁ ଥିବା ସମାବେଶରେ ବହୁ ଚାଷୀ ଯୋଗଦେବା ନିମନ୍ତେ ଉପସ୍ଥିତ ପଞ୍ଚାୟତ ସଂଯୋଜକମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି କଟକ–ପାରାଦୀପ ରାସ୍ତା ପାର୍ଶ୍ୱରେ ବାଲି ଜମାହେବା ସହ ରାସ୍ତା ପାଖରେ ଘାସ ବଢି ଦୁର୍ଘଟଣା ଘଟୁଥିବାରୁ ଏହାର ସଫା ନିମନ୍ତେ ତହସିଲଦାର ଦୃଷ୍ଟି ଦେବାକୁ ଦାବି ହୋଇଥିଲା।




ନବନିର୍ମାଣ କୃଷକ ସଂଗଠନ ବୈଠକରେ ଉପସ୍ଥିତ ଚାଷୀ ଓ କୃଷକ ନେତା।

# ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ ବିଡିଓ

**କୁଜଙ୍ଗ,୧୫।୧୦(ସ୍ୱ.ପ୍ର.)**

କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ ମଙ୍ଗଳବାର ପାଟପୁର ପଞ୍ଚାୟତ ବଉଳାଙ୍ଗସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବିଡିଓ ସ୍ୱାଇଁ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିବା ସମୟରେ ହଠାତ୍ ନିକଟସ୍ଥ ବଉଳାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। କେହି କିଛି ବୁଝିବା ପୂର୍ବରୁ ସେ ୪ର୍ଥ ଶ୍ରେଣୀରେ ପ୍ରବେଶ କରିଥିଲେ। ସେତେବେଳେ ଶିକ୍ଷୟିତ୍ରୀ ବିବାସିନୀ ଓଝା ପିଲାଙ୍କୁ ଓଡିଆ ପଢାଉଥିଲେ। ଏହା ଦେଖି ବିଡିଓ ସ୍ୱାଇଁ ଖୁସିବ୍ୟକ୍ତ କରିବା ସହ ସେ ନିଜେ ପିଲାମାନଙ୍କୁ ଓଡ଼ିଆ ପଢାଇଥିଲେ। ଏଥିସହ ପିଲାମାନଙ୍କ ଭାଷାଗତ ଦକ୍ଷତା ଜାଣିବା ପାଇଁ କିଛି ଶବ୍ଦ ଡାକି ଲେଖିବା ପାଇଁ କହିଥିଲେ। ସାଇସ୍ମିତା ସ୍ୱାଇଁ, ସୋମନାଥ ସୂତାର ଓ ସ୍ମୃତିଗୌରବ ଜେନା ପ୍ରମୁଖ ଛାତ୍ରୀଛାତ୍ର ପ୍ରଶ୍ନର ସଠିକ ଉତ୍ତର ଦେବାରୁ ବିଡିଓ ସ୍ୱାଇଁ ଖୁସି ହୋଇ ସେମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଏହି ଅର୍ଥରେ ପୁସ୍ତକ କିଣିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସେଠୀ ଏହି ସମୟରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି, ସ୍ୱଚ୍ଛତା ଓ ଅନ୍ୟାନ୍ୟ ଦିଗକୁ ଦେଖି ବିଡିଓ ସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ସେ ବଉଳାଙ୍ଗ ଓ ବେଢୁଆଁ ଅଙ୍ଗନୱାଡି କେନ୍ଦ୍ର ଓ ବଉଳାଙ୍ଗ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖିଥିଲେ। ଏହି ଆଶ୍ରୟସ୍ଥଳୀରେ କିଛି ସାମଗ୍ରୀ ନ ପାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ଦାୟିତ୍ୱରେ ଥିବା ସମ୍ପାଦକଙ୍କୁ କୈଫିୟତ ଲୋଡିଥିଲେ। ପୂର୍ବରୁ ଏହି ଗ୍ରାମକୁ ବିଡିଓ ଗସ୍ତ କରି ବରିଷ୍ଠ ନାଗରିକମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ।

# ଜଳକ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ପାରାଦୀପ,୧୫।୧୦(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ଚଉମୁହାଣିଠାରେ ଚାଲିଥିବା ଜଳକ୍ରୀଡ଼ା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ଉତ୍ସବରେ ଜଳସମ୍ପଦ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ସବୀର ବକ୍ସ, ନୌସେନାର ଅବସରପ୍ରାପ୍ତ କମାଣ୍ଡର ପ୍ରଣବ ବିଶ୍ୱାଳ, ସମର ଶିକ୍ଷାର୍ଥୀ ବାହିନୀର ଲେଫ୍ଟେନାଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର, ସ୍ଥାନୀୟ ସରପଞ୍ଚ ବବିତା ସେଠୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭା ସଞ୍ଚାଳନା କରିଥିଲେ ପାରଦୀପ ସେଲିଂ କ୍ଲବର ଉଦ୍ୟୋକ୍ତା ଗତିକୃଷ୍ଣ ଶତପଥୀ। ରଶ୍ମିରଞ୍ଜନ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ପ୍ରଥମକରି ପାରାଦୀପରେ ଏଭଳି ପ୍ରଶିକ୍ଷଣ ଶିବିର କରାଯାଇ ଥିବାରୁ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଥିଲା। ଦେଖଣାହାରୀମାନେ ମଧ୍ୟ ଏହାର ମଜା ନେଇଥିଲେ। ଏଭଳି କାର୍ଯ୍ୟକ୍ରମ ସରକାରୀ ଭାବେ ଆୟୋଜନ କରି ଯୁବବର୍ଗଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ାରେ ଅଂଶଗ୍ରହଣ କରିବା ନିମନ୍ତେ ସୁଯୋଗ ଦେବାକୁ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା।




ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

# ଅବ୍ୟବସ୍ଥା ଘେରରେ ପ୍ରାଣୀ ଚିକିତ୍ସାଳୟ

**ଏରସମା,୧୫।୧୦(ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ପ୍ରାଣୀ ଚିକିତ୍ସାଳୟଟି ବହୁ ଅବ୍ୟବସ୍ଥା ମଧ୍ୟରେ ପରିଚାଳିତ ହେଉଛି। ଫଳରେ ଗୋପାଳକ ତଥା ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ପାଇଁ ସେମାନେ ବହୁବାର ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରକାଶ ଯେ, ଏରସମା ବ୍ଲକର ୨୫ ପଞ୍ଚାୟତରେ ଥିବା ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ନିମନ୍ତେ ବ୍ଲକ ମୁଖ୍ୟାଳୟରେ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା ହୋଇଛି। ଏଥିସହ ଏହା ଅଧୀନରେ ୯ଟି ଏଲଆଇ କେନ୍ଦ୍ର ଖୋଲାଯାଇଛି। ସେଥିମଧ୍ୟରୁ ୨ଟି କେନ୍ଦ୍ରରେ ଏଲ୍‌ଆଇ ପଦବୀ ଖାଲିପଡ଼ିଛି। ୨୦୧୭ରୁ ଚଟୁଆ କେନ୍ଦ୍ର ଓ ବର୍ଷେ ହେଲା ଗୋଡ଼ା କେନ୍ଦ୍ରରେ ଏହି ପଦବୀ ଖାଲିପଡ଼ିଛି। ଏଲଆଇ ପଦବୀ ଖାଲି ପଡ଼ିଥିବାରୁ ଏହା ଅଧୀନ ୯ ଗୋମିତ୍ର କେନ୍ଦ୍ରରେ ସମସ୍ତ କର୍ମଚାରୀ ଥାଇ ମଧ୍ୟ ଜରୁରୀ ପରିସ୍ଥିତିରେ ଠିକ୍ ଭାବେ କାର୍ଯ୍ୟ ହୋଇପାରୁ ନ ଥିବା ଗୋପାଳକ ତଥା ପଲିକଣ୍ଡା ଗ୍ରାମର ଉମେଶ ଦାଶ ଅଭିଯୋଗ କରିଛନ୍ତି। ସେହିପରି ଦୀର୍ଘବର୍ଷ ହେଲା ଏଠାରେ ଚୌକିଦାର ପଦବୀଖାଲି ପଡ଼ିଛି। ପିଅନ ଛୁଟିରେ ଗଲେ ଚିକିତ୍ସାରେ ସହାୟତା କରିବାରେ କର୍ମଚାରୀଙ୍କ ଅଭାବ ଦେଖାଦେଉଛି। ଏଠାରେ ମାତ୍ର ୩ଟି ଛୋଟ କୋଠରୀ ରହିଛି। ସେଥିରେ ଔଷଧ କେନ୍ଦ୍ର ଓ ଲାବରେଟୋରୀ କରାଯାଇଛି। ଏହାବାଦ୍ ସେଥିରେ ବ୍ଲକ ଭେଟେରେନାରୀ ଅଫିସର(ବିଭିଓ), ଏଭିଏଏସ ଓ ଜଣେ ଭ୍ରାମ୍ୟମାଣ ଏଭିଏଏସଙ୍କ କାର୍ଯ୍ୟାଳୟ ଚାଲିଛି। ଚିକିତ୍ସାଳୟର ଚଟାଣ ମଧ୍ୟ ଫାଟି ଗଲାଣି। ଗୋବର ଲାଗି ଉକ୍ତ ସ୍ଥାନ ଅପରିଷ୍କାର ହେଉଛି। ତାହା ମରାମତି କରାଯାଉନାହିଁ। ଝରକାର ଦରଜା ଦେଇ ହେଉନାହିଁ। ବିଦ୍ୟୁତ୍ ଓ୍ୱାୟାରିଂ ଖସିଯାଇ ଘରସାରା ତାର ଝୁଲୁଛି। ଏ ସମ୍ପର୍କରେ କାର୍ଯ୍ୟରତ ବିଭିଓ ପରମାନନ୍ଦ ସେଠୀଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି ଓ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା କହିଛନ୍ତି।




ଏରସମା ପ୍ରାଣୀ ଚିକିତ୍ସାଳୟ।

ଧରିତ୍ରୀ
DHARITRI



# ଜେଏସ୍‌ଡବ୍ଲ୍ୟୁ ଆଗରେ ସତ୍ୟାଗ୍ରହ

ପାରାଦୀପ,୧୫।୧୦(ସ୍ୱ.ପ୍ର.)



ସତ୍ୟାଗ୍ରହରେ ବସିଥିବା ଯୁବକମାନେ।

■ନିଯୁକ୍ତି ଦାବି କଲେ ଶିକ୍ଷିତ ବେରୋଜଗାର ଯୁବକ
■ସୋବୁ ନେତୃତ୍ୱରେ ଆନ୍ଦୋଳନ
■ବାହାର ରାଜ୍ୟର ଲୋକଙ୍କୁ ଦିଆଯାଉଛି ନିଯୁକ୍ତି

ପାରାଦୀପ ବନ୍ଦରରେ ୩୦ ବର୍ଷିୟା ବିଓଟି (ବିଲ୍ଡ ଅପରେଟ୍ ଟ୍ରାନ୍ସପୋର୍ଟ) ବର୍ଥ କାମ ପାଇଥିବା ଜେଏସ୍‌ଡବ୍ଲ୍ୟୁ ପାରାଦୀପ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍ ଅଫିସ ଆଗରେ ମଙ୍ଗଳବାର ସୋବୁ (ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ ଅଫ୍ ବିଜୁ ପଟ୍ଟନାୟକ ୟୁନିଭର୍ସିଟି) ପକ୍ଷରୁ ଦିନିକିଆ ସତ୍ୟାଗ୍ରହ କରାଯାଇଛି। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ ଦାବିରେ ଏହି ସତ୍ୟାଗ୍ରହ କରାଯାଇଥିଲା। ସୋବୁ ନେତୃତ୍ୱରେ ୫୫୨ ଜଣ ଉଚ୍ଚଶିକ୍ଷିତ ବେରୋଜଗାର ଯୁବକ ଏଥିରେ ସାମିଲ ହୋଇଥିଲେ। ସେମାନେ ଦର୍ଶାଇଛନ୍ତି ଯେ, ସମ୍ପୃକ୍ତ କମ୍ପାନୀ ବାହାର ରାଜ୍ୟର ସଦସ୍ୟଙ୍କୁ ନିଯୁକ୍ତି ଦେଉଛି। ଏଥିପାଇଁ ଶିଳ୍ପ ପ୍ରଭାବିତ ସ୍ଥାନୀୟ ଯୁବତୀ ଯୁବକମାନେ ବେକାର ହୋଇ ବୁଲୁଛନ୍ତି। ଦିନତମାମ ଧାରଣା ଚାଲିବା ପରେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏନେଇ ସେମାନଙ୍କ ସହ ଆଲୋଚନା କରାଯାଇଥିଲା। ଏଥିରେ ଏଡିଏମ୍ କାହ୍ନୁଚରଣ ଧିର, ଏଏସ୍‌ପି ବିଷ୍ଣୁଚରଣ ମିଶ୍ର, ଥାନା ଅଧିକାରୀ ରଜନୀକାନ୍ତ ସାମଲ, କମ୍ପାନୀ ପ୍ରତିନିଧି ଆକାଶ ମଜୁମଦାର, ରଜତ ନାୟକ, ସୋବୁ ସଙ୍ଗଠନର କର୍ମକର୍ତ୍ତା ପ୍ରତାପ ମିଶ୍ର, ଭୁବନମୋହନ ଜେନା, ମିଟୁ ସ୍ୱାଇଁ, ଶାରଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପରେ ଆଗକୁ ଯେଉଁ ନିଯୁକ୍ତି ସୃଷ୍ଟି ହେବ, ସେ ସବୁରେ ସ୍ଥାନୀୟ ଅଞ୍ଚଳର ଯୁବକ ରହିବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ରଘୁନାଥପୁର ବ୍ଲକର କରଦା ପୂଜାମଣ୍ଡପ ଓ ଧରଧରାପୁର ବଡ଼ବାଗ ପୂଜାମଣ୍ଡପରେ ମା'ଗଜଲକ୍ଷ୍ମୀ।

## ଦୁର୍ଘଟଣାରେ ମୃତ ସହପାଠୀଙ୍କୁ ଶ୍ରଦ୍ଧାଞ୍ଜଳି

କୁଜଙ୍ଗ,୧୫।୧୦(ସ୍ୱ.ପ୍ର.)



ଶୋଭାଯାତ୍ରାରେ ସାମିଲ ହୋଇଥିବା ଶିଶୁମନ୍ଦିରର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ।

କଟକ-ପାରାଦୀପ ରାସ୍ତାର ଭୂତମୁଣ୍ଡାଇଠାରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ୫ମ ଶ୍ରେଣୀ ଛାତ୍ର କାହ୍ନୁଚରଣ ମହାନ୍ତିଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ଅପରାଜିତା ସ୍ୱାଇଁଙ୍କ ପୌରୋହିତ୍ୟରେ ଏକ ଶୋକସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଶିକ୍ଷାନୁଷ୍ଠାନ ପରିଚାଳନା ସମିତି ସଭାପତି ବୈଷ୍ଣବ ଚରଣ ପରିଡା, ଗୁରଜୀ ବସନ୍ତ ପରିଡା, ତ୍ରିଲୋଚନ ସାହୁ, ପ୍ରଭଞ୍ଜନ ଗୋଛାୟତ, ସରୋଜକାନ୍ତ ସ୍ୱାଇଁ, ଦିଲୀପ ଭୋଇ, ନୃସିଂହଚରଣ ସାମଲ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ବାପିନା ତରାଇ, ସମୀର ଜେନା, ରଞ୍ଜନ ସାହୁ, ଜୟନ୍ତୀ ପରିଡା, ମଧୁସ୍ମିତା ଖଟେଇ, ସ୍ମିତାରାଣୀ ସ୍ୱାଇଁ, ରାଜଶ୍ରୀ ଖଟୁଆ, ମାମା ସାମଲ, ପ୍ରିୟଉତ୍ତମା ନାୟକ, ସସ୍ମିତା ନାୟକ, ପୁଷ୍ପଲତା ପ୍ରଧାନ, ରଶ୍ମିତା ଖଟୁଆ, ଉଷାରାଣୀ ରାଉତ, ସ୍ନିଗ୍ଧା ସୋନୀ ବେଉରା ପ୍ରମୁଖ ସମସ୍ତ ଗୁରୁମା ଗୁରୁଜୀ ଓ ସହପାଠୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମୁର୍ଶିଦାବାଦ୍ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଗିରଫ ଦାବି

ଆଠଗଡ଼,୧୫।୧୦(ସ୍ୱ.ପ୍ର.): ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଗତ ୮ତାରିଖରେ ଘଟିଥିବା ଗଣହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଆଠଗଡ଼ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହିକ୍ରମରେ ମଙ୍ଗଳବାର ସନ୍ଧ୍ୟାରେ ପରିଷଦ ପକ୍ଷରୁ ଏକ ନୀରବ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପରିଷଦ ସଭାପତି ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ସ୍ଥାନୀୟ ନୂଆବସଷ୍ଟାଣ୍ଡ ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦସଭାରେ ମୁର୍ସିଦାବାଦର ଶିକ୍ଷକ ତଥା ଆରଏସଏସ ସମର୍ଥକ ବନ୍ଧୁ ପ୍ରକାଶ, ତାଙ୍କ ଗର୍ଭବତୀ ସ୍ତ୍ରୀ ଏବଂ ଶିଶୁପୁତ୍ରକୁ ଯେଉଁଭଳି ଭାବେ ବିଭତ୍ସ ହତ୍ୟା କରାଯାଇଛି ତାହା ଅତ୍ୟନ୍ତ ଅମାନବୀୟ ଓ ନିନ୍ଦନୀୟ ବୋଲି ପରିଷଦ ସଭାପତି ମହାନ୍ତି ମତବ୍ୟକ୍ତ କରିଥିଲେ। ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାର ତୁରନ୍ତ ଏହି ଘଟଣାରେ ନିଜକୁ ଦାୟୀକରିବାକୁ ସେ ଦାବି କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ଲାଗି ସଭ୍ୟମାନେ ମଧ ଦାବି କରିଥିଲେ। ପରିଷଦର କ୍ଷୀରୋଦଚନ୍ଦ୍ର ମିଶ୍ର, ସାଗର ମିଶ୍ର, ତପନ ଲେଙ୍କା, ସନ୍ତୋଷ ବେହେରା, ତଥାଗତ ପଟ୍ଟନାୟକ, ମହେଶ୍ୱର ଲେଙ୍କା, ବରୁଣ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ବାଲିକୁଦା ଗସ୍ତ

# ନଡ଼ିଆତେଲ ବ୍ୟବସାୟ ବଢ଼ାଇବାକୁ ଏସ୍‌ଏଚ୍‌ଜିକୁ ପରାମର୍ଶ

ବାଲିକୁଦା,୧୫।୧୦(ସ୍ୱ.ପ୍ର.)

୫-ଟିର ସମୀକ୍ଷା ପାଇଁ ମଙ୍ଗଳବାର ବାଲିକୁଦା ବ୍ଲକ ଗସ୍ତରେ ଆସିଥିଲେ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ପ୍ରଦୀପ କୁମାର ଜେନା। ଏହି ଅବସରରେ ସେ ପ୍ରଥମେ ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ 'ମୀରା' ନଡ଼ିଆ ତେଲ ପ୍ରସ୍ତୁତି ଓ ଏହାର ବ୍ୟବସାୟ ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ମେଳାରେ ଉକ୍ତ ନଡ଼ିଆ ତେଲ ବିକି ମହିଳାମାନେ ପରିବାର ଚଳାଇବା କଷ୍ଟକର ବୋଲି ଅନୁଭବ କରି ସେ ଯଥେଷ୍ଟ ମାର୍କେଟିଂ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅଧିକରୁ ଅଧିକ ପରିବାରକୁ ସାମିଲ କରିବାକୁ ସେ କହିଥିଲେ। ଏଥିସହ ଅନ୍ୟ କମ୍ପାନୀ ସହ ଯୋଗସୂତ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏଥିପାଇଁ ବ୍ୟବସାୟିକ ଯୋଜନା ପ୍ରସ୍ତୁତ ହେବା ଦରକାର ବୋଲି ସଚିବଙ୍କ ସହ ଗସ୍ତରେ ଆସିଥିବା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପିଡି ସରୋଜକାନ୍ତ ମହାନ୍ତି, ଏପିଡି ବନ୍ଦନା ରାଉତ, ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ସତ୍ୟ ସୁନ୍ଦର ଶିବରାମ ପାଇଟାଳ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ଏବିଡିଓ ଅଜୟ କୁମାର ବେହେରା, ଡିଏସଡବ୍ଲ୍ୟୁ ସ୍ୱର୍ଣ୍ଣମଞ୍ଜରୀ ନାୟକ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଅଭିକ୍ ନାରାୟଣ ପ୍ରମୁଖ କହିଥିଲେ। ଗୋଷ୍ଠୀର ଉନ୍ନତି ପାଇଁ ପାଖ ଅଞ୍ଚଳରେ ବନ୍ଦ ଥିବା ସ୍କୁଲଘର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେବଳ ଜିଲା ଭିତରେ ନୁହେଁ, ଜିଲା ବାହାରକୁ ରପ୍ତାନୀ କରିପାରିଲେ ବେଶି ଲାଭ ମିଳିବ ବୋଲି କହିଥିଲେ। ତେଲ ତିଆରି ପ୍ରଣାଳି ପାଇଁ ଏକ ସାମ୍ପୁଲ ପରୀକ୍ଷାଗାର (ଲାବରେଟୋରୀ) କରିବାକୁ କହିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଏସ୍‌ଏଚଜି ସଦସ୍ୟାଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସଚିବ ଜେନା ଖାଙ୍କରପୁର ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିବା ସହିତ ପିଲାମାନଙ୍କୁ ପଣକିଆ ପଚାରିଥିଲେ। ଏଥିସହ ଖାଙ୍କରପୁରର ଗୁମୁଟିଆ ପୋଖରୀକୁ ଲିଜ୍‌ରେ ନେଇ ମହିଳାମାନେ କରିଥିବା ମାଛ ଚାଷ ମଧ ବୁଲି ଦେଖିଥିଲେ।



ସଚିବଙ୍କ ଗସ୍ତ ସମୟରେ ଉପସ୍ଥିତ ଏସ୍‌ଏଚ୍‌ଜିର ସଦସ୍ୟାମାନେ।




## ରଘୁଦେଇପୁର ସରପଞ୍ଚ ପଦବୀରେ ସ୍ଥିତାବସ୍ଥା ଜାରି

ଡେରାବିଶ ,(ସ୍ୱ.ପ୍ର.) ୧୫।୧୦

ଡେରାବିଶ ବ୍ଲକ ରଘୁଦେଇପୁର ସରପଞ୍ଚ ପଦବୀ ମାମଲାରେ କେନ୍ଦ୍ରାପଡା ଜିଲା ଜଜ୍ କୋର୍ଟ ସ୍ଥିତାବସ୍ଥା ଜାରି କରିବା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରାପଡା ସିଭିଲ ଜଜ୍‌ଙ୍କ ନିର୍ଦ୍ଦେଶନାମା ଉପରେ ଅପିଲ ହୋଇଥିବାରୁ ଜିଲା ଜଜ୍ ବାସୁଦେବ ପଣ୍ଡା ଏହି ନିର୍ଦ୍ଦେଶନାମା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ-ରଘୁଦେଇପୁର ପଞ୍ଚାୟତର ସରପଞ୍ଚ ଭାବେ ହରିବୋଲ ପଣ୍ଡା ବିଜୟୀ ହୋଇଥିଲେ। ତେବେ ତାଙ୍କର ୩ ସନ୍ତାନ ଥିବା ଦର୍ଶାଇ ପ୍ରତିପକ୍ଷଙ୍କ ପକ୍ଷରୁ ସିଭିଲ କୋର୍ଟରେ ମାମଲା(ନଂ. ୧/୧୭) ରୁଜୁ ହୋଇଥିଲା। ଏହାର ରାୟ ପ୍ରକାଶ କରି ଗତ ୩୦ତାରିଖରେ ସିଭିଲ କୋର୍ଟରେ ତାଙ୍କୁ ସରପଞ୍ଚ ପଦବୀକୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏଥିସହ ୧୯୬୪ ପଞ୍ଚାୟତ ଆକ୍ଟ ଅନୁଯାୟୀ, ଏହି ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ଭାରପ୍ରାପ୍ତ ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ରାୟ ପ୍ରକାଶ ପାଇଥିଲା। ଏହି ରାୟକୁ ତୁରନ୍ତ କାଏମ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏନେଇ ଜିଲାପାଳଙ୍କ ପକ୍ଷରୁ ଚିଠି (ନଂ.୧୦୧୭) ମାଧ୍ୟମରେ ବିଭାଗୀୟ ବ୍ଲକ ଅଧିକାରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଚିଠିକୁ ସରପଞ୍ଚଙ୍କ ଘରେ ଓ ନୋଟିସ ବୋର୍ଡରେ ମଧ ଝୁଲାଇ ଦିଆଯାଇଥିଲା। ମାତ୍ର ତଳ କୋର୍ଟର ଏହି ରାୟ ବିରୋଧରେ ପଣ୍ଡା ଜିଲା କୋର୍ଟରେ ଅପିଲ((ନଂ ୫/୧୯) କରିଥିଲେ। ଅପିଲ ପରେ ଏହି ମାମଲାକୁ ଜିଲା କୋର୍ଟ ଗ୍ରହଣ କରି ଅଯୋଗ୍ୟ ଘୋଷିତ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଉପର ଅଦାଲତର ଶୁଣାଣି ପର୍ଯ୍ୟନ୍ତ ରଘୁଦେଇପୁର ପଞ୍ଚାୟତର ସରପଞ୍ଚ ପଦବୀରେ ପଣ୍ଡା ରହିପାରିବେ ବୋଲି ଜିଲା କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବିଷ ପ୍ରଭାବରେ ଚାଷୀ ମୃତ

ଭାପୁର/ ଖଣ୍ଡପଡ଼ା, ୧୫।୧୦ (ଡ଼ି.ଏନ.ଏ./ ସ୍ୱ.ପ୍ର.)- ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ କରବର ଗ୍ରାମର ଜଣେ ଚାଷୀ ମଙ୍ଗଳବାର ଧାନ ବିଲରେ କୀଟନାଶକ ପକାଉଥିବା ବେଳେ ବିଷ ପ୍ରଭାବରେ ଆସି ତାଙ୍କର ମୃତ୍ୟୁ ହୋଇଛି । ମୃତ ଚାଷୀ ହେଲେ କରବର ଗାଁ ନଦୀକୂଳ ସାହିର ମହେଶ୍ୱର ମଲ୍ଲିକ(୫୧)। ପ୍ରକାଶ ଯେ, ସମ୍ପ୍ରତି ଧାନ ଫସଲରେ ବିଭିନ୍ନ ରୋଗ ହେଉଥିବାରୁ ଚାଷୀମାନେ ଏହାର ପ୍ରତିକାର ପାଇଁ ବିଭିନ୍ନ କୀଟନାଶକ ସ୍ପ୍ରେ କରୁଥିବା ଜଣାପଡିଛି । ସେହିଭଳି ମହେଶ୍ୱର ମଙ୍ଗଳବାର ନିଜ ବିଲକୁ ଯାଇ ଧାନ ଫସଲରେ କୀଟନାଶକ ପକାଉଥିଲେ । କାର୍ଯ୍ୟ ସମ୍ପନ୍ନ କରି ସେ ଘରକୁ ଆସିବା ପରେ ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ପରିବାର ଲୋକେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

### ଜୁଆଖେଳ ଅଭିଯୋଗ: ୨ ଗିରଫ

ରଣପୁର,୧୫।୧୦(ସ୍ୱ.ପ୍ର.)- ଜୁଆ ଖେଳିବା ଅଭିଯୋଗରେ ଚାନ୍ଦପୁର ଥାନା ପୋଲିସ କନ୍ଧନୂଆଗଡ଼ ଓ ଚାନ୍ଦପୁରରୁ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କନ୍ଧନୂଆଗଡ଼ ଗାଁର ଭଜମନ ଖମାରୀ (୩୫) ଓ ଚାନ୍ଦପୁରର ଜୟଦେବ ବେହେରା(୩୮)। ଅଭିଯୋଗ ଅନୁସାରେ, କୁମାରପୂର୍ଣ୍ଣିମାରେ ଚାନ୍ଦପୁର ବଜାର ଓ ବିଭିନ୍ନ ଗାଁରେ ଅବାଧରେ ଜୁଆ ଖେଳ ଚାଲିଥିଲା । ପୋଲିସର ଚଢ଼ାଉ କରି ଭଜମନ ଓ ଜୟଦେବଙ୍କୁ ଗିରଫ କରିଥିଲା। ଭଜମନଙ୍କ ଠାରୁ, ଚାଷ ପାଲ, ଖେଳ ଉପକରଣ ସହ ୮ ହଜାର ୩୩୫ ଟଙ୍କା ଜବତ ହୋଇଥିଲା । ପୋଲିସ ୧୦୧/୧୯ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ସେହିପରି ଜୟଦେବଙ୍କ ଠାରୁ ୧୨୬୦ ଟଙ୍କା ସମେତ ଖେଳ ଉପକରଣ ଜବତ ହୋଇଛି । ପୋଲିସ ୧୦୨/୧୯ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା । ଏସଆଇ ଏସଏ. ସରୋ, ଲକ୍ଷ୍ମୀଧର ପ୍ରଧାନ ଚଢ଼ାଉ କରିଥିଲେ ।

### ବାର୍‌ହା ଛୁଆ ଉଦ୍ଧାର

ବୋଲଗଡ,୧୫।୧୦(ଡି.ଏନ.ଏ.): ବୋଲଗଡ ବନପାଳ କାର୍ଯ୍ୟାଳୟ ଅଞ୍ଚଳର ସଂପୁର ଗ୍ରାମଠାରେ ମଙ୍ଗଳବାର ରାତି ୮ଟାରେ ନିକଟସ୍ଥ ଜଙ୍ଗଲରୁ ପଳାଇ ଆସିଥିବା ଏକ ବାର୍‌ହା ଛୁଆ ଉଦ୍ଧାର ହୋଇଛି। ବାର୍‌ହା ଛୁଆକୁ ବନ କର୍ମଚାରୀ ଆଣି ବୋଲଗଡ ବନପାଳ କାର୍ଯ୍ୟାଳୟଠାରେ ରଖିଛନ୍ତି। ବାର୍‌ହା ଛୁଆର ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଯାଇ ଗୁରୁବାର ସୁରକ୍ଷିତ ଅବସ୍ଥାରେ ଜଙ୍ଗଲରେ ଛଡାଯିବ ବୋଲି ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ କହିଛନ୍ତି। ବ୍ରାହ୍ମଣୀଦେବୀ ସନ୍ନିକଟ ସଂରକ୍ଷିତ ଜଙ୍ଗଲରୁ ଏହି ବାର୍‌ହା ଛୁଆଟି ସଂପୁର ଗ୍ରାମ ଅଞ୍ଚଳକୁ ପଳାଇ ଆସିଥିବା ଅନୁମାନ କରାଯାଉଛି। ବାର୍‌ହା ଛୁଆଟିକୁ ଦେଖି ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ବନ କର୍ମଚାରୀ ନେପାଳ ଚରଣ ଲେଙ୍କା ଉଦ୍ଧାର କରିଥିଲେ।

# ନୟାଗଡ଼ରେ ପହଞ୍ଚିଲା ସେବା ଏକ୍ସପ୍ରେସ୍ ଟ୍ରେନ୍

ନୟାଗଡ଼ ଅଫିସ, ୧୫।୧୦

ଭୁବନେଶ୍ୱରରୁ ନୟାଗଡ଼ ଟାଉନ ଷ୍ଟେଶନକୁ ମଙ୍ଗଳବାର ଅପରାହ୍ନରେ ସେବା ଏକ୍ସପ୍ରେସ୍ ଟ୍ରେନ୍ ଗଡ଼ିଛି। ରେଳମନ୍ତ୍ରୀ ପୀୟୂଷ ଗୋୟଲ ଦିଲ୍ଲୀରୁ ଭିଡ଼ିଓ କନ୍‌ଫରେନ୍ସିଂ ଯୋଗେ ଏହାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୩ଟାରେ ଭୁବନେଶ୍ୱରରୁ ବାହାରି ୪ଟା ୫୦ରେ ଏହା ନୟାଗଡ଼ ଟାଉନ ଷ୍ଟେଶନରେ ପହଞ୍ଚିଥିଲା। ଏକ୍ସପ୍ରେସ୍ ଟ୍ରେନ୍ ନୟାଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ଦୀର୍ଘବର୍ଷ ଧରି ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବା ପାଇଁ ଦାବି କରାଯାଉଥିବା ବେଳେ ମଙ୍ଗଳବାର ଟ୍ରେନ୍ ଗଡ଼ିଥିବାରୁ ଜିଲାବାସୀ ଖୁସିବ୍ୟକ୍ତ କରିଛନ୍ତି। ବରିଷ୍ଠ ନାଗରିକ ସଂଘ, ନୟାଗଡ଼ ବିକାଶ ପରିଷଦ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ଟ୍ରେନ୍‌କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ମିଠା ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ରଣପୁରର ପୂର୍ବତନ ବିଧାୟକ ସୁରମା ପାଢ଼ୀ, ଭାଜପା ନେତ୍ରୀ ଇରାନୀ ରାୟ, ଲାଲା ମନୋଜ ରାୟ, ସନ୍ତୋଷ ପ୍ରଧାନଙ୍କ ସମେତ ଏକାଧିକ ଭାଜପା ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।



ନୟାଗଡ଼ ଟାଉନ ଷ୍ଟେଶନରେ ଟ୍ରେନ୍‌କୁ ସ୍ୱାଗତ କରାଯାଉଛି ।

## କ'ଣ କୁହନ୍ତି ଏମାନେ



➤ ସିଧାସଳଖ ଭୁବନେଶ୍ୱରକୁ ଟ୍ରେନ୍ ଚଳାଚଳ ହେବା ଫଳରେ କେବଳ ମୁଁ ନୁହେଁ ସମସ୍ତେ ଆନନ୍ଦିତ। ବ୍ୟବସାୟ କାମ ଯୋଗୁ ମୁଁ କିଛି ଦିନର ବ୍ୟବଧାନରେ ଭୁବନେଶ୍ୱର ଯାଏ। ବସ୍‌ରେ ଯାଉଥିବାରୁ ହଇରାଣ ହେବାକୁ ପଡୁଥିଲା। ସିଧାସଳଖ ଭୁବନେଶ୍ୱରକୁ ଟ୍ରେନ୍ ଯିବା ଫଳରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବେପାରୀମାନେ ଏହା ଦ୍ୱାରା ଉପକୃତ ହେବେ।

*ପ୍ରଦୀପ୍ତ ରଞ୍ଜନ ବୈରୀଗଞ୍ଜନ (ଦୁର୍ଗାପ୍ରସାଦ, ନୟାଗଡ଼)*



➤ ଦୀର୍ଘ ଦିନ ଧରି ଦାବିକରି ଆସୁଥିଲୁ। ଯାହା ହେଉ ଏତେ ଦିନ ପରେ ରେଳ ବିଭାଗ ଆମ ଦାବିକୁ ସମ୍ମାନ ଜଣାଇ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିଥିବାରୁ ସମସ୍ତେ ଆନନ୍ଦିତ। ଏହା ଦ୍ୱାରା ସାଧାରଣ ଜନତା, ଛାତ୍ରୀଛାତ୍ର, ବ୍ୟବସାୟୀ, କର୍ମଚାରୀ ସମସ୍ତେ ଉପକୃତ ହେବେ । ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ହେବା ଦ୍ୱାରା ବ୍ୟବସାୟ ମଧ୍ୟ ବୃଦ୍ଧି ପାଇବ।

*କୈଳାସ ଚନ୍ଦ୍ର ପ୍ରଧାନ (ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ, ନୟାଗଡ଼)*



➤ ଦୀର୍ଘ ବର୍ଷ ପରେ ୨୦୧୭ ମସିହା ଜୁନ୍ ୧୯ ତାରିଖରେ ନୟାଗଡ଼କୁ ଟ୍ରେନ୍ ଗଡ଼ିଥିଲା। ଏହା ପରେ ଆମେମାନେ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ଦାବି କରି ଆସୁଥିଲୁ, ହେଲେ କୌଣସି କାରଣ ଯୋଗୁ ଏହା ଚଳାଚଳ ହୋଇ ପାରୁ ନ ଥିଲା। ବର୍ତ୍ତମାନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ହେବା ଦ୍ୱାରା ସମସ୍ତେ ଉପକୃତ ହେବେ। ଲୋକମାନେ ବସ୍‌ରେ ଯାଇ ଆଉ ହଇରାଣ ହେବାକୁ ପଡ଼ିବ ନାହିଁ। ଟ୍ରେନ୍ ଗଡ଼ିଥିବାରୁ ବହୁତ ଖୁସି ଲାଗୁଛି ।

*ଯୋଗେଶ ଚନ୍ଦ୍ର ମହାରଣା (ବରିଷ୍ଠ ନାଗରିକ , ନୟାଗଡ଼ )*



➤ ନୟାଗଡ଼କୁ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଟ୍ରେନ୍ ଚଳାଚଳ ହେବା ଦ୍ୱାରା ନୟାଗଡ଼ ଜିଲାବାସୀ ଏହାର ସୁବିଧା ହାସଲ କରିପାରିବେ। ଏହାଦ୍ୱାରା ସବୁ କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇପାରିବ।

*ବିଶ୍ୱନାଥ ମହାପାତ୍ର (ଶ୍ରମିକ ନେତା , ନୟାଗଡ଼)*

## ଅବଦୁଲ କଲାମଙ୍କ ୮୮ତମ ଜୟନ୍ତୀ

ଖଣ୍ଡପଡ଼ା,୧୫।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟରେ ମଙ୍ଗଳବାର ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ୮୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସ୍ତମ୍ଭକାର ତଥା ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଯୋଗଦେଇ ଅବଦୁଲ କଲାମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କର ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. କଲାମଙ୍କ ଦେହାନ୍ତ ହେବାର ୪ବର୍ଷ ବିତିଯାଇଛି, କିନ୍ତୁ ତାଙ୍କର ଅବର୍ତ୍ତମାନରେ ଦେଶବାସୀ ତାଙ୍କୁ ସର୍ବଦା ମନେ ପକାଉଥିବା ମୁଖ୍ୟ ଅତିଥି ତରାସିଆ କହିଥିଲେ। ଅବଦୁଲ କଲାମ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରି ଭାରତର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଖବରଦାତା ଭବାନୀ ଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଅନ୍ୟତମ ଅତିଥି ଭାବେ ଶିକ୍ଷୟିତ୍ରୀ ହରପ୍ରିୟା ଦେବୀ, ଗୀତାଞ୍ଜଳି ବିଶ୍ୱାଳ, ସୁବାସିନୀ ଦେଇ ଯୋଗଦେଇ ଅବଦୁଲ କଲାମଙ୍କ ନିରାଡମ୍ବର ଜୀବନଶୈଳୀ ସମ୍ପର୍କରେ ଆଲୋକପାତ କରିବା ସହ ସେ ଏଭଳି ଜଣେ ବୈଜ୍ଞାନିକ ଯେକି ସାରା ବିଶ୍ୱବାସୀଙ୍କୁ ଦିଗ୍‌ଦର୍ଶନ ଦେଇ ଆସିଥିଲେ ବୋଲି ସୂଚନା ଦେଇଥିଲେ । ତାଙ୍କର ନିରାଡମ୍ବର ଜୀବନ ଶୈଳୀକୁ ନେଇ ସବୁଠି ଚର୍ଚ୍ଚା ହେଉଛି । ଏଣୁ ଆଜିର ଦିବସକୁ ବିଦ୍ୟାର୍ଥୀ ଦିବସ ରୂପେ ସାରା ଦେଶରେ ପାଳନ କରାଯାଉଛି। ଶିକ୍ଷୟିତ୍ରୀ ସରୋଜ ଲକ୍ଷ୍ମୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ଧାରଣା

ନୟାଗଡ଼ ଅଫିସ, ୧୫।୧୦

ନୟାଗଡ଼ ଜିଲାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ମଙ୍ଗଳବାର ଖଣ୍ଡପଡ଼ା ରୋଡ଼ସ୍ଥିତ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଆଗରେ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶ୍ରମିକମାନେ ଧାରଣା ଦେଇଥିଲେ। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଏହିଭଳି ଧାରଣା ଜାରି ରହିବ ବୋଲି ସଂଘର ସାଧାରଣ ସମ୍ପାଦକ ବାସୁଦେବ ମହାନ୍ତି ସୂଚନା ଦେଇଛନ୍ତି। ଧାରଣାକାରୀ ଶ୍ରମିକମାନଙ୍କ କହିବାନୁଯାୟୀ ଜିଲାରେ ୩ ବର୍ଷ ହେଲାଣି ଶ୍ରମିକ ପରିଚୟ ପତ୍ର ପାଇଁ ଜିଲାରେ ଥିବା ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ପାଖାପାଖି ୨୧ ହଜାର ଶ୍ରମିକ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ କାର୍ଡ଼ ପ୍ରଦାନ କରାଯାଉ ନାହିଁ। ଏ ନେଇ ବିଭିନ୍ନ ସମୟରେ ଅଧିକାରୀଙ୍କୁ ଦେଖା କରି ଜଣାଉଥିଲେ ମଧ୍ୟ ସେମାନେ ବିଭିନ୍ନ ବାହାନା ଦେଖାଇ କାର୍ଡ଼ ହେଉ ନ ଥିବା କହୁଛନ୍ତି। ସେହିଭଳି ବହୁଦିନ ଧରି ପଡ଼ି ରହିଥିବା ବିଭିନ୍ନ ସହାୟତା ରାଶିକୁ ମଞ୍ଜୁର କରାଯାଉ ନାହିଁ। ଫଳରେ ନିର୍ମାଣ ଶ୍ରମିକମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ପ୍ରକାଶ କରିଥିଲେ। ଏହି ଧାରଣାରେ ସଂଘର ସଭାପତି ରାଜକିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ବସନ୍ତ କୁମାର ଜେନା, କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ କୁମାର ମହାରଣା, ସଦସ୍ୟ ସବିତା ରାଣୀ ସାଥୁଆ , ରଘୁନାଥ ମହାରଣାଙ୍କ ସମେତ ଏକାଧିକ ଶ୍ରମିକ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ଛୁଟିରେ ଥିବାରୁ ମଙ୍ଗଳବାର ଏ ନେଇ କୌଣସି ଆଲୋଚନା ହୋଇ ପାରି ନ ଥିଲା।




କାର୍ଯ୍ୟାଳୟ ଆଗରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

## ଲୁଟେରା ଜେଲ ଗଲେ

ରଣପୁର,୧୫।୧୦(ସ୍ୱ.ପ୍ର.)

ଲୁଟ୍ ଅଭିଯୋଗରେ ଚାନ୍ଦପୁର ଥାନା ପୋଲିସ ଓଡ଼ଗାଁ ପନ୍ତିଖାରୀ ଗାଁର ବିଜୟ କୁମାର ପାଲ (୩୫)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ବିଜୟଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଭାରତ ଫାଇନାନ୍ସର ଶାଖା ପରିଚାଳକ ଗିରୀଶ କୁମାର ସାହୁ ସହଯୋଗୀ ସତ୍ୟଜିତ୍ ପାଲଟାସିଂହଙ୍କ ସହ ଏକ ବାଇକରେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ପଟିଆକୁ ଋଣ ଟଙ୍କା ଆଦାୟ କରିବାକୁ ସୋମବାର ଯାଉଥିଲେ । ପୂର୍ବାହ୍ନ ପ୍ରାୟ ୧୧ଟାରେ ରଣ୍ଡା ଗିରିଣ୍ଡା ଜଙ୍ଗଲ ନିକଟରେ ୩ଜଣ ଯୁବକ ବାଇକରେ ଆସି ଠେଙ୍ଗା ଓ ମାରଣାସ୍ତ୍ର ଦେଖାଇ ଶାଖା ପରିଚାଳକଙ୍କ ଠାରୁ ୧୫୦୦ ଟଙ୍କା ଥିବା ବ୍ୟାଗ ସହ ବ୍ୟାଙ୍କ କାଗଜାତ ନେଇ ଫେରାର ହୋଇ ଯାଇଥିଲେ । ଶାଖା ପରିଚାଳକଙ୍କ ଅଭିଯୋଗ ପରେ ଚାନ୍ଦପୁର ଥାନା ପୋଲିସ ୧୦୦/୧୯ରେ ମାମଲା ରୁଜୁକରି ବିଜୟଙ୍କୁ ପଟିଆ ଗାଁରୁ ସୋମବାର ରାତିରେ ଗିରଫ କରିଥିଲା । ବିଜୟଙ୍କଠାରୁ ଚୋରି ବ୍ୟାଗ ଜବତ ହୋଇଛି । ଅନ୍ୟ ଦୁଇଜଣ ଫେରାର ହୋଇ ଯାଇଛନ୍ତି। ଥାନା ଅଧିକାରୀ ଧନେଶ୍ୱର ନାହାକ ଓ ଏସଆଇ ଲକ୍ଷ୍ମୀଧର ପ୍ରଧାନ ଚଢ଼ାଉ କରିଥିଲେ ।

# ଓଏସ୍‌ଏମ୍‌ସି ଏମ୍‌ଡିଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ



ଓଏସ୍‌ଏମ୍‌ସି ଏମଡି ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

ନୟାଗଡ଼ ଅଫିସ,୧୫।୧୦

ଓଡ଼ିଶା ଷ୍ଟେଟ ମେଡ଼ିକାଲ୍ କର୍ପୋରେଶନ ଲିମିଟେଡ଼ (ଓଏସ୍‌ଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଯାମିନୀ ଷଡ଼ଙ୍ଗୀ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରଦର୍ଶନ କରିଥିଲେ। ମଧ୍ୟାହ୍ନ ୧୨ଟାରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ସେ ଜିଲାପାଳ ଡା. ପୋମା ଟୁଡୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର ଓ ମେଡ଼ିକାଲ୍‌ର ଅନ୍ୟ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବୁଲିବା ସହିତ ନିରାମୟ କେନ୍ଦ୍ରକୁ ଯାଇଥିଲେ। ନିରାମୟ କେନ୍ଦ୍ର ବୁଲିବା ସହିତ ଔଷଧ ପାଇଁ ଲାଇନ୍‌ରେ ଛିଡ଼ା ହୋଇଥିବା ରୋଗୀମାନଙ୍କ ସହିତ ଯୋଗାଯୋଗ କରିଥିଲେ। ସୁନେତ୍ରର ଚେୟାରମ୍ୟାନ୍ ତାରା ପ୍ରସାଦ ଦାସ ମଧ୍ୟ ଏହି ପରିଦର୍ଶନରେ ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଳ ଗଣ୍ଡି ଜବତ

ଦଶପଲ୍ଲା,୧୫।୧୦(ଡି.ଏନ.ଏ.)

ଦଶପଲ୍ଲା ବନବିଭାଗ ପକ୍ଷରୁ ମଙ୍ଗଳବାର ପୋଖରୀଗୋଛା ସେକ୍ସନର କୁରୁଡଙ୍ଗି ଗ୍ରାମ ନିକଟରୁ ୯ ଶାଳ ଗଣ୍ଡି ଜବତ କରାଯାଇଛି। ଏସବୁ କାଠ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ରଖାଯାଇଥିବା ବେଳେ ଖବରପାଇ ବନପାଳ ରାକେଶ କୁମାର ସାହୁ, ମନୋଜ ପ୍ରଭାକର ସାହୁ, ବନରକ୍ଷୀ ନାରାୟଣ ମହାରଣା, ଅଜୟ କୁମାର ସାହୁ, ସଞ୍ଜୟ ବେହେରା ଏବଂ ସ୍କ୍ୱାର୍ଡ ମିଳିତ ଭାବେ ଚଢାଉ କରି ଜବତ କରିଥିଲେ। ଜବତ କାଠ ୫୫ ଘନଫୁଟ ହୋଇଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

# ଜିଲା ଆଥ୍‌ଲେଟିକ ଆସୋସିଏଶନ ନିର୍ବାଚନ

ନୟାଗଡ଼ ଅଫିସ, ୧୫।୧୦

ନୟାଗଡ଼ ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ଆଥ୍‌ଲେଟିକ ଆସୋସିଏଶନର ୨୦୧୯-୨୦ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଭାବେ ଭବାନୀ ଶଙ୍କର ଦାସ ଓ ଯୁଗଳ କିଶୋର ପଟ୍ଟନାୟକ ଯୁଗ୍ମଭାବେ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ଅଶେଷ କୁମାର ଦାସ, ଯୁଗ୍ମ ସମ୍ପାଦକ ଭାବେ ବିନାୟକ ପ୍ରସାଦ ରାଓ ଓ ରାମକୃଷ୍ଣ ରଥ, ସମ୍ପାଦକ (ଫୁଟବଲ୍) ଅମୀୟ ମୋହନ ସାହୁ, ସମ୍ପାଦକ (ଆଥ୍‌ଲେଟିକ୍) ନିଶିକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ସାରଦା ପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଅନୱର ଅଲ୍ଲୀ, ଉମାକାନ୍ତ ମିଶ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ କୁଞ୍ଜବିହାରୀ ବଡ଼ଜେନା ନିର୍ବାଚନ କାର୍ଯ୍ୟ ତଦାରଖ କରିଥିଲେ। ଡିଏଫଓ ଧନରାଜ ଏଚଡ଼ି, ଉପଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ରାଜସ୍ୱ ସହାୟକ ଅବିନାଶ କୁମାର ମହାର ନିର୍ବାଚନ କାର୍ଯ୍ୟକୁ ପରିଚାଳନା କରିଥିଲେ। ପ୍ରକାଶ ଯେ, ଜିଲାପାଳ ଡା. ପୋମା ଟୁଡୁ ଆଥ୍‌ଲେଟିକ ଆସୋସିଏଶନର ସଭାପତି ଅଛନ୍ତି।



ଯୋଗ ଦେଇଥିବା ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିମାନେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମୌଳିକ ସୁବିଧା ଲାଗି ଆମରଣ ଅନଶନ

ନୟାଗଡ଼ ଅଫିସ,୧୫।୧୦

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ କଇଥଗାଡ଼ିଆ ଗ୍ରାମର ଦେବନଗର ସାହିକୁ ମୌଳିକ ସୁବିଧାପ୍ରଦାନ ଦାବିରେ ଉକ୍ତ ସାହିର ସୀମାଞ୍ଚଳ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି। ପୂର୍ବାହ୍ନ ୧୦ଟାରୁ ରିପୋର୍ଟ ଲେଖା ହେବା ଯାଏ ରାତି ୮ଟା ସୁଦ୍ଧା ସେ ଅନଶନରେ ବସିଛନ୍ତି। ଅପରାହ୍ନ ୩ଟାରେ ଉପଜିଲାପାଳ ଆସି ତାଙ୍କୁ ଦେଖା କରିଥିଲେ ମଧ୍ୟ କୌଣସି ପ୍ରତିଶ୍ରୁତି ନ ଦେବାରୁ ସେ ଆମରଣ ଅନଶନ ଜାରି ରଖିଛନ୍ତି।

ପ୍ରକାଶ ଯେ, ତାଙ୍କ ସାହିରେ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟୁବ୍‌ୱେଲ ନିର୍ମାଣ କରିବା, ରାସ୍ତାକୁ ପକ୍କା କରିବା, ରାସ୍ତାରେ ଷ୍ଟ୍ରିଟ୍ ଲାଇଟ ଲଗାଇବା ଆଦି ମୌଳିକ ସମସ୍ୟାର ସମାଧାନ ଲାଗି ସେ ଆମରଣ ଅନଶନରେ ବସିଛନ୍ତି। ପୂର୍ବରୁ ସୀମାଞ୍ଚଳ ୨ ଥର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ପରେ ଉକ୍ତ ଗ୍ରାମରେ କିଛି ରାସ୍ତା କରମ ହୋଇଥିଲା। ଯେ ପର୍ଯ୍ୟନ୍ତ ତାଙ୍କ ସାହିର ମୌଳିକ ସମସ୍ୟା ସମାଧାନ ନ ହୋଇଛି ସେ ପର୍ଯ୍ୟନ୍ତ ସୀମାଞ୍ଚଳ ଆମରଣ ଅନଶନରେ ବସିବେ ବୋଲି ପ୍ରକାଶ କରିଛନ୍ତି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୀମାଞ୍ଚଳ ଆମରଣ ଅନଶନରେ ବସିଛନ୍ତି।

# ଖଇରପଟି ଗାଁ: ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ

- ଗୋଟିଏ ଗୋଷ୍ଠୀର ଜମି ପଡ଼ିଛି ପଡ଼ିଆ
- ଜିଲାପାଳଙ୍କ ନିକଟରେ କଲେ ଅଭିଯୋଗ
- ସମାଧାନ ବଦଳରେ ମାମଲା ରୁଜୁ କରି ବସିଛି ପୋଲିସ

ନୟାଗଡ଼ ଅଫିସ, ୧୫।୧୦

ନୟାଗଡ଼ ବ୍ଲକ ଇଟାମାଟି ଥାନା ଖଇରପଟି ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଦେଇଥିବାରୁ ଗୋଟିଏ ଗୋଷ୍ଠୀର ସମସ୍ତ ଚାଷ ଜମି ପଡ଼ିଆ ପଡ଼ିଛି। ଫଳରେ ଉକ୍ତ ଗୋଷ୍ଠୀର ୧୯ ପରିବାରର ପ୍ରାୟ ୧୬୦ ଜଣ ଲୋକ ହଇରାଣ ହରକତ ହେଉଛନ୍ତି। ସେମାନଙ୍କ ଜମିରେ ଚାଷ କାର୍ଯ୍ୟ କଲେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି । ଏହାର ସମାଧାନ ପାଇଁ ଉକ୍ତ ଗୋଷ୍ଠୀ ବିଭିନ୍ନ ସ୍ଥାନରେ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରୁନାହିଁ। ଗତ ଅଗଷ୍ଟ ୧୨ ତାରିଖରେ ଭାଗୀରଥି ପ୍ରଧାନ ବିଲକୁ ଚାଷ କାର୍ଯ୍ୟ କରିବାକୁ ଯାଉଥିବାବେଳେ ଅନ୍ୟ ଏକ ଗୋଷ୍ଠୀର ଲୋକମାନେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ପରିବାର ସଦସ୍ୟମାନେ ରାସ୍ତାରୋକୋ କରିଥିଲେ। ସେହି ସମୟରେ ବର୍ଷା ହେଉଥିବାବେଳେ ଭିଜି ଭିଜି ସେମାନେ ରାସ୍ତା ଉପରେ ବସିଥିଲେ। ଇଟାମାଟି ପୋଲିସ ଏ ନେଇ ଥାନାରେ ଏକ ମାମଲା ରୁଜୁ କରିଥିବାବେଳେ ଏହାର କୌଣସି ସମାଧାନ କରି ପାରି ନ ଥିଲା। ତେଣୁ ବାଧହୋଇ ସୋମବାର ଚାଷ ଜମି ପଡ଼ିଆ ପଡ଼ିଥିବା ଗୋଷ୍ଠୀର ଲୋକମାନେ ଜିଲାପାଳଙ୍କୁ ଭେଟିଛନ୍ତି।

ପ୍ରକାଶ ଯେ, ୧୩ ଫେବୃୟାରୀ ୨୦୧୬ ମସିହାରେ କେନ୍ଦୁଢିପି ପଞ୍ଚାୟତର ସମିତିସଭ୍ୟାଙ୍କ ସ୍ୱାମୀ ନକୁଳ ବାଣ୍ଟଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବର୍ତ୍ତମାନ ୫ ଜଣ ବ୍ୟକ୍ତି ଜେଲ୍‌ରେ ଅଛନ୍ତି । ଉକ୍ତ ହତ୍ୟାକାଣ୍ଡ ପରଠାରୁ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଗୋଟିଏ ଗୋଷ୍ଠୀର ଲୋକମାନେ ଅନ୍ୟ ଏକ ଗୋଷ୍ଠୀର ପରିବାରକୁ ସେହି ଦିନଠାରୁ ହଇରାଣ ହରକତ କରିବା ସହିତ ସେମାନଙ୍କ ଜମିରେ ଚାଷ କାର୍ଯ୍ୟ କରାଇ ଦେଉନାହାନ୍ତି। ଫଳରେ ଅନ୍ୟ ଏକ ଗୋଷ୍ଠୀର ଲୋକମାନେ ବାହାରୁ ଚାଉଳ କିଣି ଖାଇବା ସହ ସମ୍ପର୍କୀୟମାନଙ୍କଠାରୁ ଚାଉଳ ଆଣୁଛନ୍ତି। ସେହିଭଳି ଜମି ପଡ଼ିଆ ପକାଇ ଦେଇ କିଛି ଲୋକ ବାହାରକୁ ଦାଦନ ଖଟିବାକୁ ଚାଲି ଯାଇଛନ୍ତି। ଏ ନେଇ ୪ ଡିସେମ୍ବର ୨୦୧୭ ମସିହାରେ ଉକ୍ତ ଗୋଷ୍ଠୀର ଲୋକମାନେ ଭାଗୀରଥି ପ୍ରଧାନଙ୍କ ନେତୃତ୍ୱରେ ସେମାନଙ୍କ ଜମିରେ ଚାଷ କରାଇଦେବା ଲାଗି ଜିଲାପାଳ, ଏସ୍‌ପି ଓ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ହେଲେ ଏ ଦିଗରେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେମାନେ ନିଜ ଭାଗ୍ୟକୁ ନିନ୍ଦି ଗ୍ରାମରେ ରହୁଥିଲେ। ୩ ବର୍ଷ ହେଲାଣି ସେମାନଙ୍କର ପାଖାପାଖି ୬୦ ଏକର ଜମି ପଡ଼ିଆ ପଡ଼ିରହିଛି। ଗ୍ରାମରେ ଚାଷ ନ ହେଉଥିବାରୁ ଉକ୍ତ ଗୋଷ୍ଠୀର ଲୋକମାନେ ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼ାଇ ପାରୁ ନ ଥିବା ମଧ୍ୟ ପ୍ରକାଶ କରିଛନ୍ତି। ଜିଲାପାଳ ଅଭିଯୋଗ କଲା ପରେ ଏହାର ତଦନ୍ତ ପାଇଁ ଉପଜିଲାପାଳଙ୍କୁ ଦାୟିତ୍ୱ ଦେଇଥିବା ଭାଗୀରଥି ସୂଚନା ଦେଇଛନ୍ତି। ଏ ନେଇ ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କୁହନ୍ତି ଥାନାରେ ୧୧୦/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚଳାଯାଉଛି। ପୋଲିସ ଏହାର ଆପୋସ ସମାଧାନ କଲେ ଲୋକମାନେ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ଦାବି ହେଉଛି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଖଇରପଟି ଗ୍ରାମର ଲୋକମାନେ।